ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ନଭେମ୍ବର ୧୪/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Dhenkanal, Sunday, November 14/2021 | ★★★★★

୧୭ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ହାସିମୋତୋଙ୍କୁ ଟାଇଟଲ**
ଜାପାନର ସ୍ୱଳ୍ପ ବୟସ୍କା ମିଜୁକି ହାସିମୋତୋ ମହିଳା ଆମେଚର ଏସିଆ-ପ୍ୟାସିଫିକ୍ ୨୦୨୧ ଗଲ୍ଫ ଟୁର୍ନାମେଣ୍ଟ ଜିତିଛନ୍ତି।
୦୮

୦୭
**ଫିଲ୍ମ ପାଇଁ ପାଗଳ ପରିଣୀତି**
କାରଗିଲ୍‌ରେ -୨ ଡିଗ୍ରୀ ତାପମାତ୍ରାରେ ଶୁଟିଂ କରିଛନ୍ତି ଅଭିନେତ୍ରୀ ପରିଣୀତି ଚୋପ୍ରା। ଫିଲ୍ମ ପ୍ରତି ଭଲପାଇବା ପାଇଁ ଏ ସବୁ କିଛି ବୋଲି ସେ କହିଛନ୍ତି।





ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

**କେବଳ ନୈରାଶ୍ୟ**

**ଆଜିର ମନ୍ତବ୍ୟ**

"ହିନ୍ଦୀ ହେଉଛି ସମସ୍ତ ଭାରତୀୟ ଭାଷାର ବନ୍ଧୁ। ଭାରତର ସମୃଦ୍ଧି ଏହାର ଭାଷାଗୁଡ଼ିକରେ ରହିଛି।
-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

# ମଣିପୁରରେ ଉଗ୍ରପନ୍ଥୀ ଆକ୍ରମଣ

## ୪ ଯବାନ ଶହୀଦ, କମାଣ୍ଡିଂ ଅଫିସରଙ୍କ ସହ ସ୍ତ୍ରୀ ଓ ପୁଅ ନିହତ

*ମଣିପୁରରେ ରକ୍ତମୁଖା ହୋଇଉଠିଛି ପିପୁଲ୍ସ ରିଭୋଲ୍ୟୁଶନାରି ପାର୍ଟି ଅଫ୍ କଙ୍ଗଲେଇପକ୍ (ପିଆର୍‌ଇପିକେ)। ସ୍ୱତନ୍ତ୍ର ରାଜ୍ୟ ଦାବି କରୁଥିବା ଏହି ବାମପନ୍ଥୀ ସଙ୍ଗଠନର ଉଗ୍ରବାଦୀମାନେ ଆସାମ ରାଇଫଲ୍ସ ଉପରେ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ କମାଣ୍ଡିଂ ଅଫିସରଙ୍କ ସହ ୪ ଯବାନ ଶହୀଦ ହୋଇଛନ୍ତି। କମାଣ୍ଡିଂ ଅଫିସରଙ୍କ ସ୍ତ୍ରୀ ଓ ପୁଅ ମଧ୍ୟ ପ୍ରାଣ ହରାଇଛନ୍ତି। ଶହୀଦଙ୍କ ପ୍ରାଣବଳି ବେକାର ଯିବନାହିଁ ବୋଲି କେନ୍ଦ୍ର ସରକାର କହିଛନ୍ତି।*

**ଚୁରାଚାନ୍ଦପୁର, ୧୩।୧୧**

ମଣିପୁରର ଚୁରାଚାନ୍ଦପୁର ଜିଲାରେ ଶନିବାର ସୈନ୍ୟବାହିନୀର ଗାଡ଼ି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଏଥିରେ ୪୬ ଆସାମ ରାଇଫଲ୍ସର କମାଣ୍ଡିଂ ଅଫିସର କଲୋନେଲ ବିପ୍ଳବ ତ୍ରିପାଠୀ, ତାଙ୍କ ସ୍ତ୍ରୀ ଓ ପୁଅ ଏବଂ ଅନ୍ୟ ୪ ଜଣ ଯବାନ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମଣିପୁରର ଆତଙ୍କବାଦୀ ସଂଗଠନ ପିପୁଲ୍ସ ଲିବରେଶନ ଆର୍ମି ଏହି ଆକ୍ରମଣ ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ପ୍ରଥମେ ଆତଙ୍କବାଦୀମାନେ ଆଇଇଡି ବିସ୍ଫୋରଣ କରିବା ପରେ ସେନା ଗାଡ଼ି ଉପରକୁ ଗୁଳି ଚଳାଇଥିଲେ। ମ୍ୟାନ୍‌ମାର ସୀମାନ୍ତ ଚୁରାଚାନ୍ଦପୁର ଜିଲାରେ ଏକ କାର୍ଯ୍ୟକ୍ରମର ଦେଖାରଖା କରି କଲୋନେଲ ତ୍ରିପାଠୀ ତାଙ୍କ ବାଟାଲିୟନ ମୁଖ୍ୟାଳୟକୁ ଫେରୁଥିବାବେଳେ ଆକ୍ରମଣ ହୋଇଥିଲା।

ଆତଙ୍କବାଦୀମାନଙ୍କ ଏଭଳି ଆକ୍ରମଣକୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ କଡ଼ା ନିନ୍ଦା କରିଛନ୍ତି। ଆକ୍ରମଣକାରୀ ମ୍ୟାନ୍‌ମାର ସୀମା ଦେଇ ଅନୁପ୍ରବେଶ କରିଥିଲେ ବୋଲି ସେ କହିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ସ୍ତ୍ରୀଙ୍କ ସହ କଲୋନେଲ ବିପ୍ଳବ ତ୍ରିପାଠୀ

ପୋଲିସ କହିବା ଅନୁଯାୟୀ ପୂର୍ବାହ୍ନ ୧୦ଟା ବେଳେ ଶେହକେନ୍ ଗ୍ରାମ ନିକଟରେ ସଶସ୍ତ୍ର ଆତଙ୍କବାଦୀମାନେ ଆସାମ ରାଇଫଲ୍ସର ଗାଡ଼ିଗୁଡ଼ିକ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ନଭେମ୍ବର ୧୨ ଓ ୧୩ ତାରିଖରେ ପିଆର୍‌ଇପିକେ ସ୍ମାରକ ଦିବସ ପାଳନ କରାଯାଉଥିବାରୁ ଏହି ☞ପୃଷ୍ଠା-୪

### ମୋଦି ସରକାରଙ୍କ ଅକ୍ଷମତା ପ୍ରମାଣିତ: ରାହୁଲ

**ନୂଆଦିଲ୍ଲୀ, ୧୩।୧୧**

ମଣିପୁରରେ ଆସାମ ରାଇଫଲ୍ସର ଯବାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣରୁ ଦେଶକୁ ସୁରକ୍ଷା ଦେବାରେ ନରେନ୍ଦ୍ର ମୋଦି ସରକାରଙ୍କ ଅସାମର୍ଥ୍ୟ ପୁଣିଥରେ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପରିବାରକୁ ରାହୁଲ ସମବେଦନା ଜଣାଇଛନ୍ତି। ସେମାନଙ୍କ ବଳିଦାନକୁ ଦେଶ ମନେରଖିବ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ସେହିପରି କଂଗ୍ରେସ ନେତା ତଥା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଜୟରାମ ରମେଶ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହ ଏହା ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ୨୬ ମାଓବାଦୀ ନିହତ

**ଗଡ଼ଚିରୋଲି ଏନ୍‌କାଉଣ୍ଟର**



*ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ଶନିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଛି ଘମାଘୋଟ ଗୁଳିବିନିମୟ। ଏଥିରେ ୨୬ ଜଣ ମାଓବାଦୀ ନିହତ ହୋଇଥିବାବେଳେ ୪ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ଛତିଶଗଡ଼ ସୀମାକୁ ଲାଗି ରହିଥିବା ମହାରାଷ୍ଟ୍ରର ଏହି ଉପାନ୍ତ ଜିଲା ମାଓବାଦୀ ପ୍ରବଣ ଭାବେ ପରିଚିତ। ନିୟମିତ ବ୍ୟବଧାନରେ ସେଠାରେ ମାଓବାଦୀ ହିଂସା ସାଙ୍ଗକୁ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟ ହୋଇଆସୁଛି। ଶନିବାର ସକାଳ ୬ ଟାରୁ ଅପରାହ୍ନ ୪ଟା ଯାଏ ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ଏହାକୁ ଗଡ଼ଚିରୋଲି ଇତିହାସରେ ସବୁଠୁ ଦୀର୍ଘ ଗୁଳିବିନିମୟ ବୋଲି କୁହାଯାଉଛି।*

**ନାଗପୁର, ୧୩।୧୧**

ଗଡ଼ଚିରୋଲିର କୋରଚି-ଧନୋରା ତହସିଲ ଅନ୍ତର୍ଗତ ଗ୍ୟାରପତ୍ତି-କୋଡ୍‌ଗୁଲ୍ ଜଙ୍ଗଲରେ ମାଓବାଦୀଙ୍କ ବଡ଼ଧରଣର ଗତିବିଧି ସମ୍ପର୍କରେ ଜିଲା ପୋଲିସ ଖବର ପାଇଥିଲା। ତଦନୁଯାୟୀ ମହାରାଷ୍ଟ୍ର ପୋଲିସର ସ୍ପେଶାଲ ଆଣ୍ଟି-ନକ୍ସଲ ୟୁନିଟ୍ ସି-୬୦ କମାଣ୍ଡୋ ଉକ୍ତ ଜଙ୍ଗଲରେ ଆରମ୍ଭ କରିଥିଲେ କୋମ୍ବିଂ ଅପରେଶନ। ଶନିବାର ସକାଳ ପ୍ରାୟ ୬ଟାରେ ସିପିଆଇ ମାଓବାଦୀ ସଦସ୍ୟଙ୍କ ସହ ସେମାନେ ମୁହାଁମୁହିଁ ହୋଇଯାଇଥିଲେ। ଏହାପରେ ଉଭୟ ପଟୁ ଗୁଳିଚାଳନା ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ବେଳକୁ ମାଓବାଦୀଙ୍କ ପଟୁ ନୀରବିଯାଇଥିଲା ବନ୍ଧୁକ। କିଛି ସମୟ ପରେ କମାଣ୍ଡୋମାନେ ସ୍ଥିତି ନିରୀକ୍ଷଣ କରି ସେଠାରୁ ୨୬ଜଣ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ତଲାସି ଜାରି ରହିଥିବାରୁ ମୃତକ ସଂଖ୍ୟା ବଢ଼ିପାରେ ବୋଲି ଗଡ଼ଚିରୋଲି ଏସ୍‌ପି ଅଙ୍କିତ୍ ଗୋୟଲ କହିଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଅନ୍ୟପକ୍ଷରେ ଆହତ ☞ପୃଷ୍ଠା-୪




**ଟ୍ରାକ୍ଟର ରାଲିରେ ଗିରଫ ୮୩ ଜଣଙ୍କୁ କ୍ଷତିପୂରଣ ଦେଲା ପଞ୍ଜାବ**

ସାଧାରଣତନ୍ତ୍ର ଦିବସ ଟ୍ରାକ୍ଟର ରାଲି ବେଳେ ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ୮୩ ଜଣଙ୍କୁ ପଞ୍ଜାବ ସରକାର ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିବାଦୀୟ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକ ସଂଗଠନ ପକ୍ଷରୁ ଜାନୁୟାରୀ ୨୬ରେ ଦିଲ୍ଲୀରେ ଆୟୋଜିତ ଟ୍ରାକ୍ଟର ରାଲି ହିଂସାର ରୂପ ନେଇଥିଲା। ହଜାର ହଜାର ବିକ୍ଷୋଭକାରୀ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବା ସହ ପୋଲିସ ସହିତ ଧସ୍ତାଧସ୍ତି କରିଥିଲେ।



**ସଂକ୍ଷେପରେ**

## ମହାକାଶରେ ଜନ୍ମ ନେବେ ଶିଶୁ

### ବେଜୋସ୍‌ଙ୍କ ଭବିଷ୍ୟବାଣୀ



**ୱାଶିଂଟନ୍, ୧୩।୧୧:** ଦିନ ଆସିବ ମହାକାଶରେ ଶିଶୁ ଜନ୍ମ ନେବେ ଏବଂ ସେମାନଙ୍କ ପାଇଁ ପୃଥିବୀ ଏକ ପର୍ଯ୍ୟଟନସ୍ଥଳୀ ପାଲଟିବ ବୋଲି ଭବିଷ୍ୟବାଣୀ କରିଛନ୍ତି ଆମେରିକୀୟ ଅରବପତି ତଥା ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ନିଜ କମ୍ପାନୀ ବ୍ଲୁ ଅରିଜିନ୍‌ର ମହାକାଶଯାନ ଯୋଗେ ନିକଟରେ ସ୍ପେସ୍ ଭ୍ରମଣ କରି ଫେରିଥିବା ବେଜୋସ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ମହାକାଶରେ ଅଧିକରୁ ଅଧିକ କଲୋନୀ କରାଯିବାକୁ ଏବେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିରେ ମାଧ୍ୟାକର୍ଷଣ ଶକ୍ତି, ଜଳବାୟୁ ଏବଂ ମଣିଷ ବାସ କରିପାରିବା ଭଳି ପରିବେଶର ନକଲ କରାଯିବ। ଏହି କଲୋନୀଗୁଡ଼ିକ ଭାସମାନ ଅବସ୍ଥାରେ ରହିବ ଏବଂ ଏଥିରେ ୧୦ ଲକ୍ଷରୁ ଅଧିକ ଲୋକ ବାସ କରିବେ। ସେଥିରେ ନଦୀ, ଜଙ୍ଗଲ ଏବଂ ବନ୍ୟପ୍ରାଣୀ ମଧ ରହିବେ। ଭାସମାନ କଲୋନୀରେ ଶିଶୁ ଜନ୍ମ ନେବେ। ଛୁଟି କାଟିବାକୁ ସେମାନେ ପୃଥିବୀକୁ ବୁଲିଆସିବେ। ଅନ୍ୟଗ୍ରହରେ ଯାଇ ବାସ କରିବା କଥା ଚିନ୍ତା କରିବା ଅପେକ୍ଷା ସ୍ପେସ୍ କଲୋନୀ ବସ୍ତି ନିର୍ମାଣ କରାଯିବାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବେଜୋସ୍ କହିଛନ୍ତି।

## ଏଆଇଏମ୍‌ଆଇଏମ୍ ସହ ମେଣ୍ଟ କରିବନି ଏସ୍‌ପି

**ଲକ୍ଷ୍ନୌ, ୧୩।୧୧:** ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାକୁ ଚାହୁଁଥିବା ଯେକୌଣସି ଦଳ ସହ ମେଣ୍ଟ କରିବା ପାଇଁ ସମାଜବାଦୀ ପାର୍ଟି ପ୍ରସ୍ତୁତ ଥିବା ଏହାର ଅଧକ୍ଷ ଅଖିଳେଶ ଯାଦବ କହିଛନ୍ତି। ତେବେ ଏଆଇଏମ୍‌ଆଇଏମ୍ ସହ ଆସନ ବୁଝାମଣା କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସ୍‌ବିଏସ୍‌ପି) ମୁଖ୍ୟ ଓମ୍‌ପ୍ରକାଶ ରାଜଭର ଭାଗୀଦାରି ସଂକଳ୍ପ ମୋର୍ଚ୍ଚା ଗଠନ କରିଥିବାବେଳେ ଏଥିରେ ଏଆଇଏମ୍‌ଆଇଏମ୍ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଗତମାସ ୨୭ରେ ରାଜଭର ଏସ୍‌ପି ସହ ମେଣ୍ଟ ଘୋଷଣା କରିଥିଲେ। ମୋର୍ଚ୍ଚା ଓ ରାଜଭରଙ୍କ ସହ ସମ୍ପର୍କକୁ ନେଇ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଆବଶ୍ୟକ ପଡ଼ିଲେ ଏଆଇଏମ୍‌ଆଇଏମ୍ ଏକାକୀ ନିର୍ବାଚନ ଲଢ଼ିବ ବୋଲି ଏହାର ୟୁପି ନେତାମାନେ କହିଛନ୍ତି।

# ସପ୍ତାହେ ସ୍କୁଲ ବନ୍ଦ, ଘରୁ ଅଫିସ କାମ

## ଦିଲ୍ଲୀ ବାୟୁ ପ୍ରଦୂଷଣ ଗମ୍ଭୀର

### ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଦିଲ୍ଲୀ ସରକାରଙ୍କ ନିଷ୍ପତ୍ତି

**ନୂଆଦିଲ୍ଲୀ, ୧୩।୧୧**

ଦିଲ୍ଲୀର ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ଦିଲ୍ଲୀ ସରକାର ଜରୁରୀ ବୈଠକ ଡାକି ସପ୍ତାହେ ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାରଠାରୁ ପୁଣିଥରେ ଅନ୍‌ଲାଇନରେ ପାଠପଢ଼ା ଆରମ୍ଭ ହେବ। ସମସ୍ତ ନିର୍ମାଣ କାର୍ଯ୍ୟ ୪ ଦିନ ବନ୍ଦ ରହିବା ସହ ସରକାରୀ କର୍ମଚାରୀମାନେ ୭ ଦିନ ଘରେ ରହି କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। ଜରୁରୀ ବୈଠକରେ ପ୍ରଦୂଷଣ ରୋକିବା ଲାଗି ୪ ପର୍ଯ୍ୟାୟ ନିୟନ୍ତ୍ରଣ ଯୋଜନା ଲାଗି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ସହରକୁ ଲକ୍‌ଡାଉନ କରିବା ଲାଗି ଏଥିରେ ଯୋଜନା ରହିଛି।

ଦିଲ୍ଲୀ- ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ଏଭଳି ସ୍ଥିତିରୁ ମୁକୁଳିବା ପାଇଁ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ଶନିବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ କହିଥିଲେ। ଆବଶ୍ୟକ ହେଲେ ଦୁଇଦିନ ଲକ୍‌ଡାଉନ ଘୋଷଣା କରିବାକୁ ଅଦାଲତ ପରାମର୍ଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତ ଜରୁରୀ ଯୋଜନା ପ୍ରସ୍ତୁତ କରିବାକୁ କହିବାର କିଛି ସମୟ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ ଜରୁରୀ ବୈଠକ ଡାକି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ପରିବେଶ ମନ୍ତ୍ରୀ ଗୋପାଳ ରାୟ ଓ ମୁଖ୍ୟ ଶାସନ ସଚିବ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।



ଦିଲ୍ଲୀର ବାୟୁ ପ୍ରଦୂଷଣକୁ ନେଇ ଦାଏର ଏକ ପିଟିଶନର ଶୁଣାଣି କରି ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଥିଲେ, ଦିଲ୍ଲୀ-ଏନ୍‌ସିଆର୍‌ର ବାୟୁ ପ୍ରଦୂଷଣ ଗମ୍ଭୀର ସ୍ତରରେ ପହଞ୍ଚିଛି। ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ)କୁ କିପରି ଅନ୍ୟୂନ ୨୦୦ ପଏଣ୍ଟ କମାଇହେବ ସେ ନେଇ ଜଣାଇବାକୁ ଏବଂ ତୁରନ୍ତ ଜରୁରୀ ପଦକ୍ଷେପ ନେବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଲୋକେ କିପରି ବଞ୍ଚିବେ। ୨ ଦିନ ଲକ୍‌ଡାଉନ କିମ୍ବା ଅନ୍ୟ କିଛି ପଦକ୍ଷେପ ସମ୍ପର୍କରେ ଚିନ୍ତା କରିଛନ୍ତି କି ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପ୍ରଦୂଷଣ କମାଇବା ପାଇଁ ଦୁଇ-ତିନି ଦିନ ମଧ୍ୟରେ ତୁରନ୍ତ ପଦକ୍ଷେପ ନେବା ଆମେ ଚାହୁଁ ବୋଲି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କହିଥିଲେ।

ବାୟୁ ପ୍ରଦୂଷଣ ପାଇଁ ଚାଷୀଙ୍କୁ ଦୋଷ ଦିଆଯାଉଥିବାରୁ ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କ ଉପରେ ବର୍ଷିଥିଲେ। ପରିବେଶ କର୍ମୀ ଆଦିତ୍ୟ ଦୁବେ ଏବଂ ଆଇନ ଛାତ୍ର ଅମନ ବାଙ୍କାଙ୍କ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ, କୃଷକମାନଙ୍କୁ ଦାୟୀ କରିବା ଏକ ଫେଶନ ହୋଇଗଲାଣି। ନଡ଼ା ପୋଡ଼ି ବନ୍ଦ କରିବାକୁ ହେଲେ ଚାଷୀଙ୍କୁ ମାଗଣାରେ ଷ୍ଟବଲ୍ ରିମୁଭିଂ ମେଶିନ ଯୋଗାଇ ଦେବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ଅନୁରୋଧ କରାଯାଇଥିଲା। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ସେ ଜଣେ କୃଷକ ଏବଂ ସିଜେଆଇ ରମନା ମଧ ଚାଷୀ ପରିବାରରୁ ଆସିଛନ୍ତି। ନଡ଼ା ପରିଚାଳନା ପାଇଁ ଗରିବ ଓ ନାମମାତ୍ର ଚାଷୀ ମେଶିନ କିଣିପାରିବେ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର କାହିଁକି ମେଶିନ ଯୋଗାଇ ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଚାଷୀଙ୍କ ଠାରୁ ସରକାର ନଡ଼ା ସଂଗ୍ରହ କରି କାଗଜକଳ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଅଦାଲତ ପରାମର୍ଶ ଦେଇଥିଲେ।

## ଉପରାଷ୍ଟ୍ରପତି ପ୍ରାର୍ଥୀ ସାରା



**ମାନିଲା, ୧୩।୧୧**

ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟଙ୍କ ଝିଅ ସାରା ଡୁଟେର୍ଟ ଆସନ୍ତା ବର୍ଷ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲଢ଼ିବେ। ଏଥିପାଇଁ ସେ ସାଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସାରା ତାଙ୍କ ବାପାଙ୍କ ଉତ୍ତରାଧିକାରୀ ତଥା ରାଷ୍ଟ୍ରପତି ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିନ୍ତୁ ଏହି ଚର୍ଚ୍ଚାରେ ସେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସାରା ପ୍ରମୁଖ ସହର ଡାଭାଓର ମେୟର ଅଛନ୍ତି। ପୂର୍ବତନ ରାଷ୍ଟ୍ରପତି ଗ୍ଲୋରିଆ ଅରୋୟୋଙ୍କ ପାର୍ଟି ଲାକାସ୍-ସିଏମ୍‌ଡିରେ ସେ ଯୋଗ ଦେଇଛନ୍ତି। ପୂର୍ବରୁ ରୋଡ୍ରିଗୋ ଉପରାଷ୍ଟ୍ରପତି ପ୍ରାର୍ଥୀ ହେବେ ବୋଲି ସ୍ଥିର କରିଥିଲେ। ପରେ ସେ ତାଙ୍କ ନିଷ୍ପତ୍ତି ବଦଳାଇବା ସହ ଗତ ମାସରେ ରାଜନୀତିରୁ ସନ୍ନ୍ୟାସ ନେବାକୁ ଘୋଷଣା କରିଥିଲେ। ଫିଲିପାଇନ୍ସ ଡିଟେକ୍ଟର ସ୍ୱର୍ଗତ ଫର୍ଡିନାଣ୍ଡ ମାର୍କୋସ୍‌ଙ୍କ ପୁଅ ଜୁନିୟର ମାର୍କୋସ୍, ବକ୍ସିଂ ଚାମ୍ପିୟନ ମେନି ପାକ୍ୟୁଓ ପ୍ରମୁଖ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି।

## ବିମଳ ପଟେଲ ଅନ୍ତର୍ଜାତୀୟ ଲ' କମିଶନକୁ ନିର୍ବାଚିତ



**ନୂଆଦିଲ୍ଲୀ, ୧୩।୧୧**

ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟର କୁଳପତି ତଥା ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ବୋର୍ଡର ସଦସ୍ୟ ପ୍ରଫେସର ବିମଳ ପଟେଲ ୫ ବର୍ଷ ପାଇଁ ଅନ୍ତର୍ଜାତୀୟ ଲ' କମିଶନକୁ ନିର୍ବାଚିତ ହୋଇଛନ୍ତି। ଜାତିସଂଘ ସାଧାରଣ ସଭାରେ ଅନୁଷ୍ଠିତ ନିର୍ବାଚନରେ ୧୯୨ ସଦସ୍ୟ ମତଦାନରେ ଭାଗ ନେଇଥିବାବେଳେ ପଟେଲଙ୍କୁ ୧୬୩ ଭୋଟ ମିଳିଥିଲା। ଏହି ପଦବୀ ପାଇଁ ଚାଇନା, ଦକ୍ଷିଣ କୋରିଆ ଏବଂ ଜାପାନରୁ ମଧ ପ୍ରାର୍ଥୀ ଦିଆଯାଇଥିଲା। ପ୍ରଫେସର ପଟେଲ ଜଣେ ଖ୍ୟାତନାମା ଶିକ୍ଷାବିତ୍, ଆଇନଜ୍ଞ ଏବଂ ପ୍ରଶାସକ ଭାବେ ଜଣାଶୁଣା। ସେ ତିନି ଦଶନ୍ଧି ଧରି ପ୍ରଫେସର ପଦବୀରେ ରହିବା ସହ ଗୁଜରାଟ ନ୍ୟାଶନାଲ ଲ' ୟୁନିଭର୍ସିଟିର ନିର୍ଦ୍ଦେଶକ ଏବଂ ଭାରତର ୨୧ତମ ଲ' କମିଶନର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।

## ଅମରାବତୀରେ ହିଂସା: କର୍ଫ୍ୟୁ ଜାରି

**ଅମରାବତୀ, ୧୩।୧୧**

ମହାରାଷ୍ଟ୍ରର ଅମରାବତୀ ସହରରେ ଶୁକ୍ରବାର ଅପରାହ୍ନରେ ହିଂସାକାଣ୍ଡ ଘଟିଥିବାବେଳେ ଶନିବାର ସକାଳେ ଏହା ଉଗ୍ର ରୂପ ନେଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେଠାରେ କର୍ଫ୍ୟୁ ଜାରି ହୋଇଛି। ଶନିବାର ସକାଳେ ବହୁସଂଖ୍ୟାରେ ଉତ୍ତ୍ୟକ୍ତ ଲୋକ ପହଞ୍ଚି ଦୋକାନ ବଜାର ଭଙ୍ଗାରୁଜା କରିବା ସହ ବହୁ ଘରୋଇ ସମ୍ପତ୍ତି ନଷ୍ଟ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅଳ୍ପସଂଖ୍ୟକ ପୋଲିସ ଲାଠିଚାଳନା କରିବା ସତ୍ତ୍ୱେ ସେମାନଙ୍କୁ ତଡ଼ିବାରେ ବିଫଳ ହୋଇଥିଲେ। ପରେ ଏସ୍‌ଆର୍‌ପିଏଫ୍‌ର ୪ କମ୍ପାନୀ ଫୋର୍ସ ଏବଂ ଆଉ ୧୨୫ ଜଣ ପୋଲିସ ପହଞ୍ଚିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସହରରେ ଉତ୍ତେଜନା ଲାଗି ରହିଥିବାରୁ ଅଧିକ ହିଂସାକାଣ୍ଡ ଘଟିବା ଆଶଙ୍କାରେ କର୍ଫ୍ୟୁ ଜାରି କରାଯାଇଥିବା ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ତ୍ରିପୁରାରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଘଟଣାର ପ୍ରତିବାଦରେ ଶୁକ୍ରବାର ଅମରାବତୀ, ନାଣ୍ଡେଡ୍ ଓ ମାଲେଗାଁଓରେ ରାଲି କରାଯାଇଥିଲା। ପୋଲିସର ବିନା ଅନୁମତିରେ ସଂଖ୍ୟାଲଘୁ ସମ୍ପ୍ରଦାୟ ରାଲି ବାହାର କରିଥିବାବେଳେ ଏହାକୁ ନେଇ ହିଂସାକାଣ୍ଡ ଦେଖାଦେଇଥିଲା। ହିଂସାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗୃହମନ୍ତ୍ରୀ ଦିଲୀପ ୱାଲ୍‌ସେ ପାଟିଲ ପ୍ରତିଶ୍ରୁତି ଦେଇଥିଲେ। ହିଂସା ବିରୋଧରେ ଭାଜପା ପକ୍ଷରୁ ଶନିବାର ଅମରାବତୀ ବନ୍ଦ ଡାକରା ଦିଆଯାଇଥିଲା। ହିଂସାକାଣ୍ଡ ପଛରେ ଭାଜପାର ହାତ ଥିବା ଶିବସେନା ନେତା ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି।



## ବେଲ୍ଟ ଆଣ୍ଡ ରୋଡ୍‌ର ରିବ୍ରାଣ୍ଡିଂ କରୁଛି ଚାଇନା

### ବିଓଡବ୍ଲ୍ୟୁକୁ ପ୍ରତିହତ କରିବାକୁ ଉଦ୍ୟମ

**ବେଜିଂ, ୧୩।୧୧**

ଆମେରିକାର 'ବିଲ୍ଡ ବ୍ୟାକ୍ ବେଟର ୱାର୍ଲ୍ଡ' (ବିଓଡବ୍ଲ୍ୟୁ) ପଦକ୍ଷେପକୁ ପ୍ରତିହତ କରିବା ପାଇଁ ଚାଇନା ଏହାର ମଲ୍ଟି-ବିଲିୟନ-ଡଲାର ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍(ବିଆର୍‌ଆଇ)କୁ ନୂଆ ରୂପ ଦେବାକୁ ଉଦ୍ୟମ କରୁଛି। ଗତ ଜୁନରେ ଜି-୭ ଶିଖର ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଓଡବ୍ଲ୍ୟୁର ବ୍ଲୁ ପ୍ରିଣ୍ଟ ଉପସ୍ଥାପନ କରିଥିଲେ। ସ୍ୱଚ୍ଛତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଉଚ୍ଚମାନକ ଏବଂ ସ୍ୱଚ୍ଛ ଭିତ୍ତିଭୂମି ସହଯୋଗିତା ଗଠନ ଲକ୍ଷ୍ୟରେ ଆର୍ଥିକ ସହାୟତା କରିବା ଏହାର ଲକ୍ଷ୍ୟ ବୋଲି ବାଇଡେନ୍ କହିଥିଲେ। ତେବେ ଆମେରିକାର ଉକ୍ତ ଯୋଜନା ସହ ପ୍ରତିଦ୍ୱନ୍ଦ୍ୱିତା କରୁ ନ ଥିବା ଚାଇନା କହିଛି। ବିଭିନ୍ନ ଦେଶକୁ ବିଆର୍‌ଆଇରେ ଯୋଗଦେବାକୁ ଚାଇନା ସ୍ୱାଗତ କରେ ଏବଂ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଏହି ଅଭିଯାନ ଅନ୍ତର୍ଜାତୀୟ ସହଯୋଗ ପାଇଁ ସର୍ବଦା ଖୋଲା ବୋଲି ଚାଇନା ପକ୍ଷରୁ କୁହାଯାଇଛି। ଚାଇନା କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ଅଧିକାରୀ ହାନ୍ ୱେନ୍‌ଶିୟୁ ଏକ ଖବରଦାତା ସମ୍ମିଳନୀ କହିଛନ୍ତି, ବିଆର୍‌ଆଇ କେବଳ ଚାଇନାର କାମ ନୁହେଁ। ସମସ୍ତ ଦେଶ ଏଥିରେ ସାମିଲ ହୋଇପାରିବେ। ୨୦୨୦ ରେ ଚାଇନା ଏବଂ ବିଆର୍‌ଆଇ ସହଭାଗୀ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୯.୨ ଟ୍ରିଲିୟନ ଡଲାର ଟପିଥିବାବେଳେ ଏହି ପଦକ୍ଷେପ ସହିତ ଜଡିତ ଦେଶଗୁଡ଼ିକରେ ଚାଇନା କମ୍ପାନୀଗୁଡିକର ପ୍ରତ୍ୟକ୍ଷ ବିନିଯୋଗ ପ୍ରାୟ ୧୪୦ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ହାନ୍ କହିଛନ୍ତି।

## ଅପମାନ କରିଥିବା ପ୍ରମାଣ ହେଲେ ପଦ୍ମଶ୍ରୀ ଫେରାଇଦେବି

**ମୁମ୍ବାଇ, ୧୩।୧୧:** ୧୯୪୭ରେ ସ୍ୱାଧୀନତା ଭିକ୍ଷା ଥିଲା, ୨୦୧୪ରେ ଭାରତ ପ୍ରକୃତରେ ସ୍ୱାଧୀନ ହୋଇଛି ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ବିବାଦୀୟ ମନ୍ତବ୍ୟ ଦେବା ପରେ ତାଙ୍କଠାରୁ ପଦ୍ମଶ୍ରୀ ଫେରାଇ ନିଆଯିବାକୁ ଦାବି ଜୋର ଧରିଛି। ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ କିପରି ଅପମାନିତ କରିଛନ୍ତି ତାହା କେହି ପ୍ରମାଣ କରିଦେଲେ ପଦ୍ମଶ୍ରୀ ଫେରାଇଦେବେ ବୋଲି କଙ୍ଗନା କହିଛନ୍ତି। ଶନିବାର ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ସେ ଲେଖିଛନ୍ତି,



କଙ୍ଗନା ରାଣାୱତ

୧୮୫୭ରେ ସ୍ୱାଧୀନତା ପାଇଁ ପ୍ରଥମ ସଙ୍ଗଠିତ ଲଢ଼େଇ ହୋଇଥିଲା। ସୁଭାଷ ଚନ୍ଦ୍ର ବୋଷ, ରାଣୀ ଲକ୍ଷ୍ମୀବାଈ, ବୀର ସାବରକରଙ୍କ ବଳିଦାନ କଥା ମଧ ସାକ୍ଷାତ୍‌କାରରେ କହିଥିଲେ। କିନ୍ତୁ ୧୯୪୭ରେ କି ପ୍ରକାରର ଲଢ଼େଇ ହୋଇଥିଲା ତାହା ଜଣାନାହିଁ। କେହି ଏ ବାବଦରେ ତାଙ୍କୁ ତଥ୍ୟ ଦେଲେ ସେ ପଦ୍ମଶ୍ରୀ ଫେରାଇଦେବେ ଏବଂ କ୍ଷମା ମାଗିବେ। ଏଥିସହ ମହାତ୍ମା ଗାନ୍ଧୀ ଭଗତ ସିଂଙ୍କୁ କାହିଁକି ମରିବାକୁ ଦେଲେ, ନେତାଜୀଙ୍କୁ କାହିଁକି ହତ୍ୟା କରାଗଲା, ଜଣେ ବ୍ରିଟିଶଙ୍କ ଦ୍ୱାରା ବିଭାଜନ ରେଖା କାହିଁକି ଟଣା ହେଲା, ସ୍ୱାଧୀନତା ପାଳନ କରିବା ପରିବର୍ତ୍ତେ ଭାରତୀୟମାନେ କାହିଁକି ପରସ୍ପରକୁ ହତ୍ୟା କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଲୁଇଜିନୋ ଟିଏମ୍‌ସିର ରାଜ୍ୟ ସଭା ପ୍ରାର୍ଥୀ

**କୋଲକାତା, ୧୩।୧୧:** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଲୁଇଜିନୋ ଫଲେଇରୋଙ୍କୁ ରାଜ୍ୟ ସଭା ପାଇଁ ଶନିବାର ମନୋନୀତ କରିଛି।



କିଛିମାସ ପୂର୍ବରୁ କଂଗ୍ରେସ ଛାଡ଼ିଥିବା ଲୁଇଜିନୋ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଗୋଆ ଜନସାଧାରଣଙ୍କ ସ୍ୱର ଉତ୍ତୋଳନ କରିବେ ବୋଲି ଟିଏମ୍‌ସି କହିଛି। ଆଗାମୀ ଗୋଆ ବିଧାନସଭା ନିର୍ବାଚନରେ ୭୦ ବର୍ଷୀୟ ଲୁଇଜିନୋ ଟିଏମ୍‌ସିର ନେତୃତ୍ୱ ନେବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ତାଙ୍କୁ ଟିଏମ୍‌ସି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରୁ ନ ଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୩୪,୮୪,୩୦୯ | ୫୧,୦୮,୫୪୦ | ୨୨,୯୨,୪୬,୫୪୫ |
| ଭାରତ | ୩,୪୪,୨୬,୦୩୬ | ୪,୬୩,୨୪୫ | ୩,୩୮,୨୬,୪୮୩ |
| ଓଡ଼ିଶା | ୧୦,୪୫,୨୦୯ | ୮୩୭୫(+୫୩) | ୧୦,୩୪,୩୦୦ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






# କରୋନାରେ ନାବାଳିକାଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ପୁଣି ଜଣେ ନାବାଳିକାଙ୍କ କରୋନାରେ ମୃତ୍ୟୁ ଘଟିଛି। ଗତ ୨୪ ଘଣ୍ଟାରେ ୨ଜଣ ଆକ୍ରାନ୍ତ ଆଖି ବୁଜିଥିବାବେଳେ ଗଞ୍ଜାମରୁ ଜଣେ ଓ କୋରାପୁଟରୁ ଆଉଜଣେ ରହିଛନ୍ତି। କୋରାପୁଟ ମୃତକ ହେଲେ ୧୫ ବର୍ଷୀୟା ନାବାଳିକା।ସେ ସିକିଲ୍‌ସେଲ୍‌ଓ କିଡ୍‌ନୀଜନିତ ରୋଗରେ ମଧ୍ୟ ପୀଡ଼ିତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ୮,୩୭୫କୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୫୬୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କଟକରେ ୮୫୪, ସୁନ୍ଦରଗଡ଼ ୫୯୦, ଗଞ୍ଜାମ ୪୮୦, ପୁରୀ ୪୫୯, ଅନୁଗୋଳ ୩୯୮, ବରଗଡ଼ ୩୩୫ ଓ ଜଗତ୍‌ସିଂହପୁରରେ ୩୧୭ ମୃତକ ରହିଛନ୍ତି। ତେବେ ମାଲକାନଗିରିରେ ସର୍ବନିମ୍ନ ୪୬ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡ଼ିଛି। ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୦,୯୮୮ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୦ ଜିଲାରୁ ୨୪୭ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୦.୪୧% ରହିଛି। କେବଳ ଖୋର୍ଦ୍ଧା ଓ ଦେବଗଡ଼ ଜିଲାରେ ସଂକ୍ରମଣ ହାର ଏକ ପ୍ରତିଶତ ଉପରେ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧୧୫ଜଣ ରହିଥିବାବେଳେ ସଂକ୍ରମଣ ହାର ୧.୩% ଓ ଦେବଗଡ଼ରେ ୧.୫% ରହିଛି। ସେହିଭଳି ୧୮ ବର୍ଷରୁ କମ୍ ବୟସର ୩୭ଜଣ ଶିଶୁ ଓ କିଶୋର ରହିଛନ୍ତି। ଏବେ ରାଜ୍ୟରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୫,୨୦୯ରେ ପହଞ୍ଚିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୧୫ରେ ଏକଲବ୍ୟ ସ୍କୁଲ ଶିଳାନ୍ୟାସ

**ସମ୍ବଲପୁର, ୧୩।୧୧(ବ୍ୟୁରୋ)**

## ଉତ୍ସବ ଅନୁଷ୍ଠାନକୁ ପ୍ରତିଶ୍ରୁତି ଦେଇଥିଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ପ୍ରସ୍ତାବିତ ଏକଲବ୍ୟ ସ୍କୁଲ ନିର୍ମାଣ ଅପେକ୍ଷାର ଅନ୍ତ ଘଟିଛି। ଆସନ୍ତା ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଏହାର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ମଧ୍ୟ ଭର୍ଚୁଆଲରେ ଯୋଗଦେବେ। ଶିଳାନ୍ୟାସ ସ୍ଥଳରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଉପସ୍ଥିତ ରହିବେ।ଶନିବାର କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପ୍ରଧାନ ଝୁଝୁମୁରା ଚନ୍ଦନିମାଲ ଆସି ଶିଳାନ୍ୟାସ ସ୍ଥଳ ବୁଲି ଦେଖିଛନ୍ତି।

# ଦୁର୍ଦ୍ଧାନ୍ତ ବାପିଙ୍କୁ ଏନ୍‌କାଉଣ୍ଟର

**ଭଦ୍ରକ ଅଫିସ, ୧୩।୧୧**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅଲବଗା ଅଞ୍ଚଳର ଦୁର୍ଦ୍ଧାନ୍ତ ଅପରାଧୀ ବାପି ପାଣିଙ୍କୁ ଶନିବାର ଅପରାହ୍ନରେ ଗ୍ରାମାଞ୍ଚଳ ଥାନା ପୋଲିସ ଏନ୍‌କାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ତାଙ୍କର ଚିକିତ୍ସା ଚାଲିଛି। ଅନ୍ୟପଟେ ବାପିଙ୍କ ଗୁଳିରେ ୪ ପୋଲିସ କର୍ମଚାରୀ ତଥା ଇନ୍‌ସ୍ପେକ୍ଟର ଆଲୋକ ଜେନା, ଏସ୍‌ଆଇ ଶୋଭନ ସ୍ୱାଇଁ, ଏସ୍‌ଆଇ ଶାନ୍ତନୁ ଜେନା ଓ ଏସ୍‌ଆଇ ଶ୍ରୀକାନ୍ତ ଜେନା ଆହତ ହୋଇଥିବା ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ଦୁଇଦିନ ତଳେ ବାପି ଆରଡ଼ି ଛକସ୍ଥିତ ଏକ ଔଷଧ ଦୋକାନରୁ ବନ୍ଧୁକ ଦେଖାଇ ୨୦ ହଜାର ଟଙ୍କା ସହ ୩ଟି ମୋବାଇଲ ଲୁଟ୍ କରିଥିଲେ। ଏହା ପରଦିନ ଜଣେ ଅବସରପ୍ରାପ୍ତ ନେସ୍କୋ କର୍ମଚାରୀଙ୍କ ଘର ଭଡ଼ାରେ ନେବାକୁ କହି ଅଭିନବ ଉପାୟରେ ଟଙ୍କା ଲୁଟି ନେଇଥିଲେ। ଏହି ଦୁଇଟି ମାମଲାର ତଦନ୍ତ କରିବାକୁ ଯାଇ ଗ୍ରାମାଞ୍ଚଳ ପୋଲିସ ଉକ୍ତ ଔଷଧ ଦୋକାନରୁ ଲୁଟ୍ ହୋଇଥିବା ୩ ମୋବାଇଲ ନମ୍ବର ଟ୍ରାକ୍ କରି ଶନିବାର ବାପିଙ୍କ ପାଖରେ ପହଞ୍ଚିଥିଲା। ବାପି ଓ



ବାପି ପାଣିଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟକୁ ନିଆଯାଉଛି।

## ■ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

## ■ ୪ ପୋଲିସ କର୍ମଚାରୀ ଆହତ

ତାଙ୍କ ସହଯୋଗୀ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁରର ଓମ୍‌ପ୍ରକାଶ ମଲ୍ଲିକ ଗ୍ରାମାଞ୍ଚଳ ଥାନା ଚଢ଼େୟାର ଏକ ନିଛାଟିଆ ସ୍ଥାନରେ ଡକାୟତି ଯୋଜନା କରୁଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଏହି ସମୟରେ ବାପି ପ୍ରଥମେ ଗୁଳିଚାଳନା କରିବାରୁ ସୁରକ୍ଷା ପାଇଁ ପୋଲିସ ଏନ୍‌କାଉଣ୍ଟର ଆରମ୍ଭ କରିଥିଲା।ପୋଲିସ ୩ ରାଉଣ୍ଡ ଗୁଳି ଚଳାଇଥିଲା। ବାପିଙ୍କ ଡାହାଣ ଗୋଡ଼ରେ ଦୁଇଟି ଓ ବାମଗୋଡ଼ରେ ଗୋଟିଏ ଗୁଳି ବାଜିଥିଲା। ସହଯୋଗୀ ଓମ୍‌ପ୍ରକାଶଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏନେଇ ଥାନାରେ ଦଫା ୩୫୩, ୩୦୭, ୩୪ ଆଇପିସି, ଆର୍‌ଡବ୍ଲ୍ୟୁଏସ୍ ୨୫/୨୧ ଅନୁଯାୟୀ ମାମଲା (ନଂ.୪୬୮/୨୧) ରୁଜୁ କରାଯାଇଛି। ବାପିଙ୍କ ନିକଟରୁ ଗୋଟିଏ ବାଇକ୍, ଏକ ମୋବାଇଲ ଓ ଗୋଟିଏ ବନ୍ଧୁକ ଜବତ ହୋଇଛି। ତାଙ୍କ ନାଁରେ ଭଦ୍ରକର ୩ଟି ଥାନାରେ ୨୦ରୁ ଊର୍ଦ୍ଧ୍ୱ ଏବଂ ଅନ୍ୟ ଜିଲାରେ ମଧ୍ୟ ଆପରାଧିକ ମାମଲା ରହିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି।

# 'ଦୋଷୀ ସାବ୍ୟସ୍ତ ପାଇଁ ଯଥେଷ୍ଟ ପ୍ରମାଣ ଅଛି'

## ମମିତା ହତ୍ୟା ମାମଲା

**ସମ୍ବଲପୁର, ୧୩।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟା ଘଟଣାରେ ପୋଲିସ କାର୍ଯ୍ୟ ସମ୍ପାଦନାରେ ଅବହେଳା କରିନାହିଁ। ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ କ୍ରାଇମ୍ ସିନ କରିବା, କୋର୍ଟଙ୍କୁ ସୂଚନା ଦେବା, ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସବୁ ସମୟ ଅନୁସାରେ କରାଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ୍, ଫରେନ୍‌ସିକ୍ ଟିମ୍ ଯାଞ୍ଚ କରିଛି। ଘଟଣାରେ ୧୦ଜଣଙ୍କ ୧୬୪ରେ ଏବଂ ୧୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ୧୬୧ ଧାରାରେ ବୟାନ ରେକର୍ଡ ହୋଇଛି। ଘଟଣାସ୍ଥଳରୁ ପ୍ରାମାଣ ସଂଗ୍ରହ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏପର୍ଯ୍ୟନ୍ତ ଅନ୍ୟ କାହାର ସମ୍ପୃକ୍ତି ଥିବା ନେଇ ପୋଲିସ ପାଖରେ ପ୍ରମାଣ ନାହିଁ। ହେଲେ କୋର୍ଟରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ପୋଲିସ ପାଖରେ ଯଥେଷ୍ଟ ପ୍ରମାଣ ରହିଛି ବୋଲି ଶନିବାର ସମ୍ବଲପୁରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଡ. ଦୀପକ କୁମାର କହିଛନ୍ତି।

ସେ ଆହୁରି କହିଥିଲେ, ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମ ଓ କେତେଜଣ ବ୍ୟକ୍ତି ପୋଲିସ କାର୍ଯ୍ୟରେ ଅବହେଳା କରୁଥିବା କହୁଛନ୍ତି। ହେଲେ ଘଟଣା ଦିନ ଅର୍ଥାତ୍ ଅକ୍ଟୋବର ୧୩ ତାରିଖ ମଧ୍ୟାହ୍ନ ୧୨.୫୦ ମିନିଟରେ ଅଭିଯୋଗ ହୋଇଥିଲା।ମାମଲା ରୁଜୁ କରି ଅଭିଯୋଗକାରୀଙ୍କୁ ଏକ କପି ମଧ୍ୟ ଦିଆଯାଇଥିଲା। ଏହା ସହ ପୋଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା। ସୁପ୍ରିମକୋର୍ଟଙ୍କ ନିୟମ ଅନୁସାରେ ସବୁ କାର୍ଯ୍ୟ କରାଯାଇଥିଲା। ୧୩ରୁ ୧୫ ତାରିଖ ଦଶହରା ଛୁଟି ଥିବାରୁ କୋର୍ଟରେ ୧୬ ତାରିଖରେ ସିଡି ଦାଖଲ ହୋଇଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅକ୍ଟୋବର ୨୦ରୁ ୨୫ ତାରିଖ ଭିତରେ କ୍ରାଇମ୍ ସିନ୍ ରି-କ୍ରିଏଶନ କରାଯାଇଥିଲା, ଯାହା କୋର୍ଟରେ ଦାଖଲ ହୋଇଛି। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଆଇନ ଅନୁସାରେ କିଭଳି ଶୀଘ୍ର ଦୋଷୀଙ୍କୁ ଦଣ୍ଡ ମିଳିବ ସେ ନେଇ ସବୁପ୍ରକାର ଉଦ୍ୟମ କରିଛି ବୋଲି କହିଥିଲେ।



ଉତ୍ତରାଞ୍ଚଳ ଡିଆଇଜି ଡ. ଦୀପକ କୁମାର ସୂଚନା ଦେଉଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଅନୁଭା
ପରିବାରବର୍ଗ


ସୋମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁଣି ଲଘୁଚାପ, ଦକ୍ଷିଣରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ଥାଇଲାଣ୍ଡ ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ଶନିବାର ଏକ ଲଘୁଚାପ ସୃଷ୍ଟି ହୋଇଛି। ୧୫ ତାରିଖ ସୁଦ୍ଧା ଏହା ଆଣ୍ଡାମାନ ଉପକୂଳରେ ପହଞ୍ଚିବ। ପରେ ଏହା ଅବପାତର ରୂପ ନେଇ ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ୧୮ ତାରିଖ ସନ୍ଧ୍ୟାରେ ଅତିକ୍ରମ କରିବ। ଏହି ସମୟରେ ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ମଧ୍ୟ ହୋଇପାରେ। ଏହା ପ୍ରଭାବରେ ଆନ୍ଧ୍ର ପ୍ରଦେଶ ସହ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ପୁରୀ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ ଓ ଉପକୂଳ ଜିଲାଗୁଡ଼ିକରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ୪୦ କି.ମି.ରୁ କମ୍ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ମତ୍ସ୍ୟଜୀବୀମାନେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ୧୬ରୁ ୧୮ ତାରିଖ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରୁ ୧୭ ଓ ୧୮ତାରିଖରେ ସମୁଦ୍ର ଭିତରକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଶୁକ୍ରବାରରୁ ଶନିବାର ସକାଳ ସାଢ଼େ ୮ଟା ମଧ୍ୟରେ ଛତ୍ରପୁରରେ ସର୍ବାଧିକ ୧୩୭.୬ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ପୁରୀ ୧୨୪, ଗୋପାଳପୁର ୧୦୦.୪, ନୟାଗଡ଼ ୮୫, ଦାରିଙ୍ଗବାଡ଼ି ୪୬, ଭୁବନେଶ୍ୱରରେ ୩୩ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଜଗତ୍‌ସିଂହପୁର, ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ନୟାଗଡ଼ରେ ପ୍ରବଳ ବର୍ଷା ହେବ। ତେବେ ୧୫ ଓ ୧୬ ତାରିଖରେ ବର୍ଷାର ସମ୍ଭାବନା ନାହିଁ। ୧୭ରୁ ୧୮ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ହେବ। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯିବା ସହିତ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଯିବେ କି ନାହିଁ ଶାଶୁଘର
ଲୁଗା ପଡୁଛି ଧୋବାଘର।**

ସାଧାରଣତଃ କିଛି ଗୋଟେ କାର୍ଯ୍ୟ ଆଗକୁ ଘଟିବାକୁ ବା ହେବାକୁ ଥିଲେ ସେ ନେଇ ପୂର୍ବ ପ୍ରସ୍ତୁତି କରାଯିବା ଉଚିତ ହୋଇଥାଏ। ପରନ୍ତୁ କୌଣସି ଅନିଶ୍ଚିତ କଥା ବା ଘଟଣା ପାଇଁ ପୂର୍ବରୁ ପ୍ରସ୍ତୁତ ହେବା ନିହାତି ମୂର୍ଖାମି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝିଅ ବୋହୂଙ୍କର ଲାଗଇ କଳି,
ନିତି ପଡୁଥାଏ ଘରେ ବୋବାଳି।**

ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ କଳହ ଉପୁଜେ, ସେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ। ଏଭଳି ନଣନ୍ଦ ଭାଉଜଙ୍କ କଳି ଝଗଡ଼ାରେ ପରିବାରର ଅନ୍ୟ ସଦସ୍ୟମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ୩ ଦିନ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ

**ପୁରୀ ଅଫିସ, ୧୩।୧୧:** ଶ୍ରଦ୍ଧାଳୁଙ୍କ ପାଇଁ ରବିବାର, ସୋମବାର ଓ ଶୁକ୍ରବାର (୧୪, ୧୫ ଓ ୧୯ ତାରିଖ) ଶ୍ରୀମନ୍ଦିର ବନ୍ଦ ରହିବ। ଏ ନେଇ ଶନିବାର ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବ ଏସ୍‌ଓପି ଅନୁଯାୟୀ ଚଳିତ ରବିବାର ଦର୍ଶନ ବନ୍ଦ ରହିବ। ସେହିପରି ୧୫ତାରିଖରେ ବଡ଼ ଏକାଦଶୀ ଓ ୧୯ରେ କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ସାଧାରଣ ଦର୍ଶନ ବନ୍ଦ ରହିବ।

## ପ୍ରଥମ ପୃଷ୍ଠାରୁ...

### ୨୬ ମାଓବାଦୀ ...

ଯବାନମାନଙ୍କୁ ଚିକିତ୍ସା ପାଇଁ ହେଲିକପ୍ଟରରେ ନାଗପୁର ନିଆଯାଇଛି। ସେମାନେ ହେଲେ ରବୀନ୍ଦ୍ର ନୈତମ, ସର୍ବେଶ୍ୱର ଅତରାମ, ମହାରୁ କୁଡ଼ମେଥେ ଏବଂ ଟିକାରାମ କାତଙ୍ଗେ। ମିଳିଥିବା ସୂଚନା ଅନୁଯାୟୀ ମାଓବାଦୀ ଦମନ ପାଇଁ ଗଡ଼ଚିରୋଲି ଜିଲା ପୋଲିସ ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ଇଲାଇଟ୍ ସି-୬୦ କମାଣ୍ଡୋଙ୍କୁ ୧୬ଟି ଦଳରେ ନିୟୋଜିତ କରାଯାଇଛି। ଉପରୋକ୍ତ ଜଙ୍ଗଲରେ ବହୁସଂଖ୍ୟାକ ମାଓବାଦୀ ଠୁଳ ହୋଇଥିବା ଖବର ପାଇ ପୋଲିସ ସର୍ଚ୍ଚ ଅପରେଶନ ଚଳାଇଥିଲା। ଅତିରିକ୍ତ ଏସ୍‌ପି ସୌମ୍ୟ ମୁଣ୍ଡେଙ୍କ ନେତୃତ୍ୱରେ ପ୍ରାୟ ୧୦୦ କମାଣ୍ଡୋ ଏଥିରେ ସାମିଲ ହୋଇଥିଲେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଜଙ୍ଗଲରେ ଏକଜୁଟ ହୋଇଥିବା ମାଓବାଦୀମାନେ ମୁଖ୍ୟତଃ ସୁଖଲାଲ ନେତୃତ୍ୱାଧୀନ କରୋଚି ଦଲମ୍ ଏବଂ ସିପିଆଇ ମାଓବାଦୀ ଗଡ଼ଚିରୋଲି ଡିଭିଜନ କମିଟି ସଦସ୍ୟ ବୋଲି ଜଣାପଡ଼ିଛି। ଗୁଳି ବିନିମୟର ଲମ୍ବା ସମୟକୁ ଦେଖିଲେ ସେଠାରେ ମାଓବାଦୀଙ୍କ ସଂଖ୍ୟା ବହୁ ଅଧିକ ଥିବା ଏବଂ ପ୍ରମୁଖ ମାଓବାଦୀ ନେତାମାନେ ଉପସ୍ଥିତ ଥିବା ଅନୁମାନ କରାଯାଉଛି। ତେବେ ନିହତ ମାଓବାଦୀଙ୍କ ମଧ୍ୟରେ ସିପିଆଇ ମାଓବାଦୀ ସେଣ୍ଟ୍ରାଲ କମିଟି ସଦସ୍ୟ ମିଲନ୍ଦ ତେଲତୁମ୍ବଡେ ରହିଥିବା ଗୁଜବ ହେଉଥିଲେ ମଧ୍ୟ ସେନେଇ ପୋଲିସ କିଛି ସ୍ପଷ୍ଟ କରିନାହିଁ। କିନ୍ତୁ ମିଲନ୍ଦଙ୍କ ଅଙ୍ଗରକ୍ଷୀ ଭାବେ କାର୍ଯ୍ୟ କରି କିଛିଦିନ ତଳେ ଆତ୍ମସମର୍ପଣ କରିଥିବା ରାକେଶଙ୍କୁ ପୋଲିସ ମୃତଦେହ ଚିହ୍ନଟ କାର୍ଯ୍ୟରେ ଲଗାଇଛି। ରବିବାର ସକାଳେ ନିହତ ମାଓବାଦୀଙ୍କ ଚିହ୍ନଟ ପ୍ରକ୍ରିୟା ପୁଣି ହେବ ବୋଲି ଏସ୍‌ପି ଗୋୟଲ କହିଛନ୍ତି। ସୂଚନାଥାଉ କି ମିଲନ୍ଦ ହେଉଛନ୍ତି ଦଳିତ ବୁଦ୍ଧିଜୀବୀ ଆନନ୍ଦ ତେଲତୁମ୍ବଡେଙ୍କ ସାନଭାଇ। ଭୀମା-କୋରେଗାଁ ମାମଲାରେ ଆନନ୍ଦ ଏବେ ଜେଲରେ ରହିଛନ୍ତି। ମିଲନ୍ଦ ଏବେ ସିପିଆଇ ମାଓବାଦୀ ମହାରାଷ୍ଟ୍ର-ମଧ୍ୟପ୍ରଦେଶ-ଛତିଶଗଡ଼ ଜୋନର ମୁଖ୍ୟ ଦାୟିତ୍ୱରେ ରହିଛନ୍ତି।

### ମଣିପୁରରେ ଉଗ୍ରପନ୍ଥୀ ...

ଗୋଷ୍ଠୀର ଆତଙ୍କବାଦୀମାନେ ଆକ୍ରମଣ କରିଥିବା ଆସାମ ରାଇଫଲ୍ସ ସନ୍ଦେହ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଘଟଣାର ନିନ୍ଦା କରିବା ସହ ଶହୀଦ ୫ ଯବାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଅପରାଧୀଙ୍କୁ ଆଇନର କାଠଗଡ଼ାକୁ ଅଣାଯାଇ କଠୋର ଦଣ୍ଡବିଧାନ କରାଯିବ ବୋଲି ସେ କହିଛନ୍ତି। ଶହୀଦ କଲୋନେଲଙ୍କ ପୂର୍ବ କାର୍ଯ୍ୟ ଲାଗି ଆସାମ ରାଇଫଲ୍ସ ତାଙ୍କର ପ୍ରଶଂସା କରିଛି। ସେ ପୂର୍ବରୁ ମିଜୋରାମରେ ନିୟୋଜିତ ଥିଲେ ଏବଂ ଗତ ଜୁଲାଇରେ ମଣିପୁର ବଦଳି ହୋଇଥିଲେ। ମିଜୋରାମରେ ଥିବାବେଳେ ସୀମା ପରିଚାଳନା, ବେଆଇନ ଚୋରା କାରବାର ରୋକିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ନେତୃତ୍ୱରେ ବାଟାଲିୟନ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଏହା ଦେଶବିରୋଧୀ ତତ୍ତ୍ୱଙ୍କ ହାତରେ ପଡ଼ିଥିଲେ ଅନେକଙ୍କ ଜୀବନ ଯାଇଥାନ୍ତା ବୋଲି କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବହୁତ ଦିନରୁ ଚେଷ୍ଟା କରୁଥିବା କାମରେ ସଫଳତା ମିଳିବ ଓ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସମସ୍ୟା ଲାଗି ରହିବା କାରଣରୁ ଗୃହ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବୃଷ** ଆଜି ସବୁଠି ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା,ଏଜେନ୍‌ଶିପ୍, ପ୍ରଶାସନ ଓ ପରିବହନରେ ସମସ୍ୟା ଦୂର ହେବ।

**ମିଥୁନ** ଆଜି ଆନୁଷ୍ଠାନିକ କାମରେ, ବ୍ୟବସାୟିକ ସ୍ଥିତିରେ, ପରିବହନରେ, ସଭା ସମିତିରେ ପ୍ରଶଂସା ସହ ସୁବିଧା ଓ ସୁଯୋଗ ଲାଭ କରିବେ। ପଡ଼ୋଶୀଙ୍କ ସହିତ ସାଧାରଣ କଥାରେ ଯୁକ୍ତିତର୍କ କରି କଳହକୁ ନିମନ୍ତ୍ରଣ କରିପାରନ୍ତି। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୁରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଆଇନ ଅଦାଲତ ଓ ଶିଳ୍ପ ବାଣିଜ୍ୟରେ କାର୍ଯ୍ୟ ସାଧିତ ହେବ।

**କର୍କଟ** ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁଙ୍କ ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହେବ, ଯାହାକି ମାନସିକ ଚିନ୍ତାକୁ ବଢ଼ାଇପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆମଦାନୀ କାରବାର ବୃଦ୍ଧି ପାଇବ।

**ସିଂହ** ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ସାମୟିକ ସାନ୍ତ୍ୱନା ମିଳିବ। ଚାକିରି କ୍ଷେତ୍ରରେ ବହୁତ ଦିନରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଅଫିସରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଜମିଜମା, ନୂତନ ଗୃହ, ଯାନବାହନ କ୍ରୟ ବିକ୍ରୟ କ୍ଷେତ୍ରରେ ଉନ୍ନତି ଘଟିବ। ସନ୍ତାନହେତୁକ ଚିନ୍ତା ଦୂରହେବ।

**କନ୍ୟା** କର୍ମ କ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିମାନଙ୍କୁ ସରଳ ବିଶ୍ୱାସ କରି ଠକାମିରେ ପଡ଼ିବେ। ଜମିଜମା କାରବାରକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଷ୍ଟେସନାରି ଜିନିଷ, ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଣସି ଶୁଭ କାମରେ ଯୋଗ ଦେଇ ବନ୍ଧୁଗହଣରେ ଖୁସି ମନେଇବେ।

**ତୁଳା** ଆଜିର ଛୋଟ କଥାକୁ କେନ୍ଦ୍ର କରି ଘରେ ସାଧାରଣ କଥାରେ ଝଗଡ଼ା ହେବାର ସମ୍ଭାବନା ରହିଛି। ଆସନ୍ତାକାଲିର କାର୍ଯ୍ୟକ୍ରମ ସକାଶେ ସକାଳୁ ସକାଳୁ କର୍ମବ୍ୟସ୍ତତା ବଢ଼ିଯିବ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ ଏବଂ ଶତ୍ରୁ ଉପଦ୍ରବ କେତେକାଂଶରେ କମିଯାଇପାରେ।

**ବିଛା** ପୂର୍ବରୁ ଆଲୋଚନା କରି ଆଜି ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାକୁ ଯାଇ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଯାତ୍ରା କାଳରେ ମିତ୍ରତା ସୃଷ୍ଟି କରିପାରନ୍ତି, ଯାହାକି ଆଗାମୀ ସମୟରେ ତାହା କାମକୁ ଆସିପାରେ। ମାଲିମକଦ୍ଦମାରେ ସମସ୍ୟା ସୁଧୁରିଯିବାରୁ ମନ ଖୁସି ହୋଇଯିବ।

**ଧନୁ** ବାଦାନୁବାଦର ପରିସମାପ୍ତି ଘଟିବା ସହିତ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ ହୋଇପାରିବ। ମୂଲ୍ୟବାନ୍ ଜିନିଷ, ଗୃହ, ଜମିଜମା, ପ୍ଲଟ କାରବାର, ଏଜେନ୍‌ଶିପ୍ ସମ୍ପର୍କୀୟ ଚିନ୍ତା କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳିଯିବାରୁ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ାରେ ପ୍ରଶଂସା ମିଳିବ।

**ମକର** ଆଜି ପ୍ରତ୍ୟୁଷ ଯାତ୍ରା, ସ୍ତ୍ରୀ ସମ୍ପର୍କ, ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା ସମ୍ବନ୍ଧୀୟ ଚିନ୍ତାରେ ଅଧିକାଂଶ ସମୟ ବିତିବ। ପିଲାମାନଙ୍କ ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରିକୃତ ହେବ। ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବା ସହିତ ପ୍ରଶଂସିତ ହେବେ। ଏହା ସହିତ ପ୍ରିୟ ବନ୍ଧୁମାନଙ୍କଠାରୁ ଆଦର ଅଭ୍ୟର୍ଥନା ମିଳିବ।

**କୁମ୍ଭ** ବିଭିନ୍ନ ସମସ୍ୟା କାରଣରୁ ସବୁ କିଛି ଠିକ୍ ଥିଲେ ମଧ୍ୟ ମନରେ ସରସତା ରହିବ ନାହିଁ। କିନ୍ତୁ ଆର୍ଥିକ ଅନଟନ, କାର୍ଯ୍ୟହାନି, ବିଭିନ୍ନ ପ୍ରକାରର ସମସ୍ୟା ମନକୁ ଆନ୍ଦୋଳିତ କରିବ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ କର୍ମଜଞ୍ଜାଳ ବ୍ୟସ୍ତତାର କାରଣ ହୋଇପାରେ। ମାଲି ମକଦ୍ଦମାରେ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମୀନ** କୌଣସି ପୂର୍ବରାଗକୁ ସ୍ମରଣ କରି ନିକଟ ସମ୍ପର୍କୀୟ କ୍ରମଶଃ ଦୂରେଇ ଯିବାରେ ଲାଗିପାରନ୍ତି। ଦୀର୍ଘଦିନର ବାଦବିବାଦରେ ଆପୋସ ସମାଧାନ ଘଟିବ। ପରିବାରରେ ଲାଗି ରହିଥିବା ଦୀର୍ଘ ଦିନର ଅଶାନ୍ତି ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଆହୂତ ସଭାସମିତିକୁ ନିମନ୍ତ୍ରିତ ହେବାର ସମ୍ଭାବନା ରହିଛି।


# classifieds Everyday 0674-2580101, 2549302


MATRIMONIAL

**BRIDE WANTED**

Brahmin Boy Govt. MBBS Doctor 36/ 5'8"Required (Non Technical). 7978399083. D-22257

**GROOM WANTED**

46 ବର୍ଷର divorce ମହିଳା Post Officeରେ କାର୍ଯ୍ୟରତ, ଘର- ବଡ଼ବିଲ। ଯେକୌଣସି ଜାତିର ବ୍ୟକ୍ତି ଯୋଗାଯୋଗ କରନ୍ତୁ। (ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହେଁ)। 9776500136. D-22256

Wanted a groom for a girl of Gopal Caste, Nagasya Gotra, age-28 serving in Bhubaneswar as Asst. CTO. The family devotee of Satsang. The groom with Govt. or PSU Job is preferred for details contact: 9437228737. D-70969

46 ବୟସ୍କା Lecturer ଭାବେ କାର୍ଯ୍ୟରତ ଥିବା ଅବିବାହିତ ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8763709841. D-22255

automobile

**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736

Tata Safari Top Model 1050k.m. 45days White Colour. 8480204021. D-22203

real estate

**SALE**

1750x2 plots at Ranga Bazar front of Petrol Pump, Electricity available, ready for building house. Rate 1500/-sqft. 08658386267. D-22262

ଭୁବନେଶ୍ୱର-ପୁରୀ ବାଇପାସ ରୋଡ୍‌ରେ ବାଙ୍କୁଆଳ ମୌଜା ଘରବାରି ପ୍ଲଟ୍ ମିଳୁଛି। ଯୋଗାଯୋଗ ଫୋନ୍- 9827339640. D-22222

**12000sft. IDCO plot for immediate sale at Mancheswar & 2400sft. GA plot immediately sale at Bharatpur, Bhubaneswar, please contact- DEEPAK-9937329999.** D-70000

Private plot for sale, Khandagiri & Patrapada. Price 999/- Sqft. 9437335686, 7008487006. D-22215

**ମୋର Patia Bigbazar ପାଖରେ ଗୋଟେ apartment, ଗୋଟେ simplex, Kalarahangaରେ sqft. 1300/-, Raghunathapurରେ 2700/- plot for sale. 7381334443.** D-71815

ପାରାଦୀପ Smart Industrial Port City ରେ ବଡ଼ବନ୍ଧ ରେଲ୍‌ୱେ ଷ୍ଟେସନ୍ ପାଖରେ 1 acre ଘରବାଡ଼ି commercial ଜାଗା ବିକ୍ରିହେବ। ଷ୍ଟାର୍ ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ପାଇଁ ଉପଯୁକ୍ତ। ଇଚ୍ଛୁକ ବ୍ୟକ୍ତି, Sharing Holder, Broker. 8917413036. D-71901

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

"A 7.5 decimal plot at prime locality, Sahadevkhunta, Balasore, available for sale. 500m from main bus stand, 50m from main road. Can also be divided into two plots and purchased by two buyers. Contact owner 9556352924/ 9819708016." D-22250

Residential plot available at New Forest Park and building at Pokhariput, Bhubaneswar. 7978751719. D-71325

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

Furnished, Non-Furnished office space available centrally located Unit-9. 7789837712, 9861256148. D22224

Property For Sale At Badambadi Cuttack, Commercial Building (Built 12300 Sqft./32 Rooms With Attached Bath) Land 3500 Sqft. Contact: P.Swain 08249436455. D-22233

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

**1650sft. plot immediately sale at Jharpada & 3500 BDA plot sale at Patrapada (Near D N Regalia Mall), Bhubaneswar, please contact- DEEPAK-9937329999.** D-71601

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71199

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D-70970

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22041

**ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି। Owner: 9090963952.** D-71730

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରରେ SC/ General plot ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8847825690. D-71735

to-let

**Tolet Ground & First Floor, built up area 5000 sft. over 11000sft. land on Balikuda-Trishulia Road, Cuttack. Suitable for corporate office, guest house or TV/Film shooting purpose. Call 9101232568.** D-71009

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com**

Two Shop Rooms each 15'x10' available on rent at Hanuman Bazaar infront of Gundicha Temple, Angul. Contact: 8018147636, 8902107550. D-22236

**Tolet 30,000 sqft. Warehouse/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211

**3BHK Flat near Kalinga stadium Nayapalli, Bhubaneswar. Contact: 9825315882.** D-22248

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71817

Refreshing your mind and body with the best therapy. 7873794731. D-71902

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind, your body with tha best therapy at Lotus SPA. 8018891951. D-71818

Newly open spa center, November Dhamaka 599/-, Smart therapist. 8455987557. D-71434

Refreshments rejuvenation body massage therapy with experience therapists, Bhubaneswar. 9668374480. D-71200

Newly open full body massage ladies and gents. 8327740003. D-71813

Newly open therapy/ SPA center (Expert therapist) positively health benefits. 8249051570. D-71439

education

Medical Exam Registration- BAMS, BHMS, BUMS, BDS, BPT, ANM, GNM, DPharma, Dental Hygiene, DHMS, DAMS, DUMS, Only Sms/ W.A- 9893869473 (Only Practitioners). D-22206

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

ଧରିତ୍ରୀ
DHARITRI
ରବିବାର, ୧୪ ନଭେମ୍ବର, ୨୦୨୧

## ଇନ୍ସପେକ୍ଟରସ୍ତରରେ ଅଦଳବଦଳ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ଇନ୍ସପେକ୍ଟରସ୍ତରରେ ଛୋଟଧରଣର ଅଦଳବଦଳ କରାଯାଇଛି। ତାଳଚେର ଥାନାଧିକାରୀ ସତ୍ୟବ୍ରତ ରାଉତଙ୍କୁ ଅନୁଗୋଳ ସଦର ଥାନାକୁ ବଦଳି କରାଯାଇଥିବା ବେଳେ ଏଠାରେ କାର୍ଯ୍ୟରତ ପ୍ରଭାତ କୁମାର ତ୍ରିପାଠୀଙ୍କୁ ଅନୁଗୋଳ ଥାନାକୁ ବଦଳି କରାଯାଇଛି। ସେହିଭଳି ହେଡ୍‌କ୍ୱାର୍ଟରରେ ଥିବା ଇନ୍ସପେକ୍ଟର ଶ୍ରୀନିବାସ ସେଠୀଙ୍କୁ ତାଳଚେର ଥାନା ଦାୟିତ୍ୱ ଦିଆଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ୨ ବଖରା ଜଳିଗଲା



ଛେଣ୍ଡିପଦା,୧୩।୧୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ କୁଶକିଲା ଗ୍ରାମ ହରିଜନ ସାହିରେ ଶନିବାର ଅଗ୍ନିକାଣ୍ଡ ଘଟି ଗଦାଧର ଗୋଛାୟତଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଜିଲା ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ଅବିନାଶ ସାହୁ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ୨ ହଜାର ଟଙ୍କା ସମେତ ବସ୍ତ୍ର ଓ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତପନ ସାହୁ, ଲୁନା ପ୍ରଧାନ, ମଳୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

### ଓଡ଼ିଶା ଦଳରେ ଢେଙ୍କାନାଳର ୩ ଖେଳାଳି



ଢେଙ୍କାନାଳ ଅଫିସ, ୧୩।୧୧-ହିମାଚଳ ପ୍ରଦେଶର ଉନାସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଆସନ୍ତା ୨୭ ତାରିଖରୁ ଡିସେମ୍ବର ୧ ଯାଏ ଅନୁଷ୍ଠିତ ହେଉଛି ୩୧ତମ ସବ୍‌ଜୁନିୟର ଜାତୀୟ ଖୋଖୋ ପ୍ରତିଯୋଗିତା। ଓଡ଼ିଶା ବାଳକ ଦଳରେ ଢେଙ୍କାନାଳ ଜିଲାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କୁନା ବେହେରା, ସୌମ୍ୟଜିତ୍ ସାହୁ, ରୋଶନ ରାଉତ। ସମ୍ପୃକ୍ତ ପ୍ରତିଯୋଗୀମାନେ ରବିବାରଠାରୁ ବାଲେଶ୍ୱରରେ ଆୟୋଜିତ ହେବାକୁଥିବା ତାଲିମ ଶିବିରରେ ଅଂଶଗ୍ରହଣ କରିବେ। ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧାସ୍ଥିତ ସତ୍ୟରଞ୍ଜନ ଏକାଡେମୀରେ ଖୋଖୋ କୋଚ୍ ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ପ୍ରଶିକ୍ଷଣ ନେଉଛନ୍ତି।

### ସେବାୟତଙ୍କୁ ବସ୍ତ୍ର ବଣ୍ଟନ

ଢେଙ୍କାନାଳ ଅଫିସ, ୧୩।୧୧-ଢେଙ୍କାନାଳ ସଦର ବ୍ଲକ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିରର ୩୫ରୁ ଊର୍ଦ୍ଧ୍ୱ ସେବାୟତଙ୍କୁ ଏମ୍‌ପି ମହେଶ ସାହୁ ଶନିବାର ନୂତନ ବସ୍ତ୍ର ବଣ୍ଟନ କରିଛନ୍ତି। ପୂର୍ବତନ ସରପଞ୍ଚ ଅର୍ଜୁନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେବାୟତଙ୍କ ସମସ୍ୟା ସମ୍ପର୍କରେ ଏମ୍‌ପି ଅବଗତ ହେବା ସହିତ ମନ୍ଦିରର ଉନ୍ନତି କାର୍ଯ୍ୟରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଜିଲା ବିଜେଡି ସମ୍ପାଦିକା ତିଲୋତ୍ତମା ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ମନ୍ଦିର ମୁଖ୍ୟ ପୂଜକ କସ୍ତୁରୀ ରଣା, କମିଟି ସଭାପତି ଦେବରାଜ ମହାନ୍ତି, ଉପସଭାପତି ହୃଦାନନ୍ଦ ରଣା, ସମ୍ପାଦକ ଅଲେଖ ସାହୁ, ବାବୁଲି ମହାରଣା, ନୀଳମଣି ରାଉତ, ମାମାଲି ମିଶ୍ର, ଗୀତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ୨ ସଂକ୍ରମିତ ଚିହ୍ନଟ

ଢେଙ୍କାନାଳ ଅଫିସ, ୧୩।୧୧-ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରୁ ଶନିବାର ୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ପରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୯ହଜାର ୯୧୦ରେ ପହଞ୍ଚିଛି। ଜିଲାରେ ଏବେ ୩୨ ସକ୍ରିୟ ଆକ୍ରାନ୍ତ ଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସାଇ ସତଚରିତ ପାଠ

ଢେଙ୍କାନାଳ ଅଫିସ, ୧୩।୧୧-ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ସାଇ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ୧୦୮ ଦମ୍ପତି ଏଥିରେ ଅଂଶଗ୍ରହଣ କରିଥିଲେ। ପୂଜକ ଯୋଶୀ ଜୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ଦିବସରେ ସାଇ ସତଚରିତ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରିପଦା, ପୁରୀ, ଯାଜପୁର, ଭୁବନେଶ୍ୱର, କଟକ ଏବଂ ଅନୁଗୋଳ ଜିଲାର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିବା ସାଇଭକ୍ତ ଶିବପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।

### ତେଲ ଚୋରି, ୨ ଗିରଫ

ଅନୁଗୋଳ ଅଫିସ, ୧୩।୧୧- ଅନୁଗୋଳ ସହର ଉପକଣ୍ଠ ପଞ୍ଚମହଲାଠାରେ ଗାଡ଼ିରୁ ତେଲ ଚୋରି ଅଭିଯୋଗରେ କଳିଆରୀ ଥାନା କୁସମାପାଳ ଗ୍ରାମର ଦୁଇ ଭାଇ ନରେଶ ବେହେରା ଓ ହରେଶ ବେହେରାଙ୍କୁ ଗିରଫ କରାଯାଇଥିବା ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ୩୫୦ ଲିଟର ଡିଜେଲ୍ ଜବତ କରାଯାଇଛି। ସମ୍ପୃକ୍ତ ଦୁଇ ଭାଇ ବିଭିନ୍ନ ଗାଡ଼ିକୁ ଅଟକାଇ ତେଲ ଚୋରି କରୁଥିଲେ। ଗତମାସରେ ପୋଲିସ ପାଟ୍ରୋଲିଂ ଗାଡ଼ି ଦେଖି ତେଲ ଡ୍ରମ ଛାଡ଼ି ଚମ୍ପଟ ମାରିଥିଲେ।

# ‘ଯୋଜନାର ସୁଫଳ ଯୋଗ୍ୟ ପାଆନ୍ତୁ’

## ଜିଲାସ୍ତରୀୟ ମେଗା ଆଇନ ସେବା ଶିବିର

ଢେଙ୍କାନାଳ ଅଫିସ, ୧୩।୧୧



ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଜିଲା ପରିଷଦ ଗୃହରେ ଶନିବାର ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀ ଏବଂ ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ଅବହେଳିତ ବର୍ଗଙ୍କ ନିକଟରେ ଆଇନସେବା ପହଞ୍ଚାଇବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ଲାଭ ଯେପରି ଯୋଗ୍ୟ ହିତାଧିକାରୀ ଉଠାଇବେ ତାହା ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ଉଭୟେ କହିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପ୍ରଦତ୍ତ ଆର୍ଥିକ ସହାୟତା, ମୃତ ଅଣସଙ୍ଗଠିତ ଶ୍ରମିକଙ୍କ ପରିବାରକୁ ସହାୟତା ରାଶି, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର କାର୍ଯ୍ୟାଦେଶ, ବସ୍ତି ବାସିନ୍ଦାଙ୍କୁ ଜମି ପ୍ରମାଣପତ୍ର, ମଧୁବାବୁ ପେନ୍‌ସନ, ବାର୍ଦ୍ଧକ୍ୟ ଭତ୍ତା, କୃଷି ସହାୟତା ରାଶି, ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ, ଚାଳକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବିଚାରପତି ଅମୀୟ ସାହୁ, ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ସତ୍ୟନାରାୟଣ ପାତ୍ର, ମୁକ୍ତିରଞ୍ଜନ ଶତପଥୀ, ସୁବାସ ଚନ୍ଦ୍ର ଧଳ, ସ୍ମୃତିସ୍ନିଗ୍ଧା ଦାସ, ଲୋପାମୁଦ୍ରା ପଣ୍ଡା, ସୁଶୀଲ ସାହୁ, ମାନସ ରଞ୍ଜନ ପ୍ରଧାନ, ବିଶ୍ୱନୃପିତା ମହାନ୍ତି, ପ୍ରଜ୍ଞା ପଣ୍ଡା, ରେଜିଷ୍ଟ୍ରାର ଚିନ୍ମୟ ମିଶ୍ର, ପ୍ରାଧିକରଣ ସଦସ୍ୟ ଭିକାରୀ ଚରଣ ରାଉତ, ପ୍ରଦୀପ ସାହୁ, ପ୍ରଶାସନିକ ଅଧିକାରୀ, ଓକିଲ ସଂଘ କର୍ମକର୍ତ୍ତା, ପ୍ୟାନେଲ ଲୟର, ପାରାଲିଗାଲ ଭଲ୍ୟୁଣ୍ଟିୟର ଶିବିର ପରିଚାଳନାରେ ସହାୟତା କରିଥିଲେ। ବିଶ୍ୱ କୁନ୍ତଳ ଶିଶୁ ଗୃହର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଧନ୍ୟବାଦ ଦେଇଥିଲେ।

# ଅସହାୟଙ୍କୁ ନ୍ୟାୟ ଦେବା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୩।୧୧

ଅନୁଗୋଳ ଷ୍ଟାଡିୟମଠାରେ ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଶନିବାର ଏକ ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ଡ. ଭାଗ୍ୟଲକ୍ଷ୍ମୀ ରଥ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା, ଜିଲା ଅଦାଲତର ବିଚାରପତି, ତାଲୁକ ଆଇନସେବା କମିଟି ତାଳଚେର, ଆଠମଲ୍ଲିକ, ପାଲଲହଡା ଓ ଛେଣ୍ଡିପଦାର ଅଧ୍ୟକ୍ଷ ବୃନ୍ଦ, ବିଭିନ୍ନ ସରକାରୀ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀ ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ। ସରକାରୀ ଯୋଜନା ଓ ବିଭିନ୍ନ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସହାୟତା ଲୋଡୁଥିବା ପ୍ରତ୍ୟେକ ବ୍ୟକ୍ତି ଯେପରି ନ୍ୟାୟ ପାଇବା ନିମନ୍ତେ ଉପଯୁକ୍ତ ମାଧ୍ୟମ ଓ ସ୍ଥାନରେ ପହଞ୍ଚିପାରିବ, ତାହା ହିଁ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନିଃଶୁଳ୍କ ଆଇନସେବା ଓ ଦ୍ୱରିତ ନ୍ୟାୟ ଯୋଗାଇ ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ଓ ତାଲୁକ ଆଇନସେବା କମିଟି ସହ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ସକ୍ରିୟ ଅଛନ୍ତି। ଆଇନସେବା ଆବଶ୍ୟକ କରୁଥିବା ବ୍ୟକ୍ତି ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ସହିତ ଯୋଗାଯୋଗ କରି ପରାମର୍ଶ ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାଧିକରଣର ସଚିବ ଏସ. ଶୁଭଲକ୍ଷ୍ମୀ ଶିବିର ପରିଚାଳନା କରିଥିଲେ।




ଶିବିରରେ ବିଚାର ବିଭାଗୀୟ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଜିଲା ପରିକ୍ରମା କରିବ ସଚେତନତା ରଥ

ଅନୁଗୋଳ ଅଫିସ, ୧୩।୧୧

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପୋଷ୍ୟ ସନ୍ତାନ ସଚେତନତା ମାସ ପାଳନ କରାଯାଉଛି। ଏହି ଅବସରରେ ଏକ ସଚେତନତା ରଥକୁ ଶନିବାର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ଜଗମୋହନ ମୀନା ଉଦ୍‌ଘାଟନ କରିଛନ୍ତି। ଅସହାୟ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଆପଣାଇବା ସହ ଏଭଳି ମହତ କାର୍ଯ୍ୟରେ ଜନସାଧାରଣଙ୍କ ଯୋଗଦାନ କାମନା କରି ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଏହି ରଥର ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନ ହୋଇଥିବା ରଥ ଜିଲାର ୮ଟି ବ୍ଲକ ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣ କରିବା ଲାଗି ଥିବା ଆଇନଗତ ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ସୂଚନା ପ୍ରଦାନ କରିଛନ୍ତି। ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାୟ, ମହିଳା ସୁରକ୍ଷା ଅଧିକାରୀ ପୌର୍ଣ୍ଣମାସୀ ରଥ, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପ୍ରଦୀପ ନାୟକ, ପିଓଏନ୍‌ଆଇସି ଝରଣା ନାୟକ, ଡାଟା ଆନାଲିଷ୍ଟ ଦିଲୀପ ନାୟକ, କାଉନସେଲର ମଧୁସ୍ମିତା ଧଳ, ଆକାଉଣ୍ଟାଣ୍ଟ ଶୁଭସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତ ଭଣ୍ଡାର ସ୍ଥାପନ ଉପରେ ଆଲୋଚନା



ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଣିହାଁ,୧୩।୧୧(ଡି.ଏନ.ଏ.)

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡା. ସୁମନ୍ତ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ ଯୋଗଦେଇ ବିଗତ ବର୍ଷର ଖର୍ଚ୍ଚ ଓ ବର୍ତ୍ତମାନର ବିନିଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ହେଲ୍ପଲାଇନ ନମ୍ବର ଉପଲବ୍ଧ ସହିତ ମୃତଦେହ ସଂରକ୍ଷଣ ଓ ବ୍ୟବଚ୍ଛେଦ ଏବଂ ରକ୍ତ ଭଣ୍ଡାର ସ୍ଥାପନ ଉପରେ ଆଲୋଚନା କରାଯାଇଥିଲା। ପରିଚାଳନା ପରିଷଦର ଅନେକ ସଦସ୍ୟ ଏହି ବୈଠକରେ ଯୋଗଦାନ କରି ନ ଥିଲେ। ବିପିଏମ୍ ମୋନାଲିସା ପ୍ରଧାନ, ଆୟୁଷ ଡାକ୍ତର ରାକେଶ ମହାରଣା, ବାମ ଅନୁପ କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ‘ରାଷ୍ଟ୍ରୀୟ ରୋଜଗାର ନୀତି ଲାଗୁ କର’

ଢେଙ୍କାନାଳ ଅଫିସ, ୧୩।୧୧

ଢେଙ୍କାନାଳ ଜିଲା ଲେଖକ ସଂସଦଠାରେ ଶନିବାର ‘ଦେଶ କୀ ବାତ୍ ଫାଉଣ୍ଡେଶନ’ ପକ୍ଷରୁ ‘ବେରୋଜଗାର ସମସ୍ୟା ଏବଂ ଏହାର ସମାଧାନରେ ରାଷ୍ଟ୍ରୀୟ ରୋଜଗାର ନୀତି’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିକଶିତ ଦେଶରେ ରୋଜଗାର ନୀତି ଜରିଆରେ ନାଗରିକଙ୍କୁ ରୋଜଗାର ଦିଆଯାଉଛି, ଯାହା ସେମାନଙ୍କ ବିକାଶରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ହେଲେ ଭାରତରେ ରାଷ୍ଟ୍ରୀୟ ରୋଜଗାର ନୀତି ନାହିଁ। ‘ଦେଶ କୀ ବାତ୍ ଫାଉଣ୍ଡେଶନ’ ବର୍ଷେ ହେଲା ବିଶେଷଜ୍ଞଙ୍କ ସହଯୋଗରେ ରାଷ୍ଟ୍ରୀୟ ରୋଜଗାର ନୀତିର ପ୍ରସ୍ତାବିତ ଚିଠା ବିଲ୍ ପ୍ରସ୍ତୁତ କରିଛି। ଏହାକୁ ଲାଗୁ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖାଯିବ। ସରକାର ଦାବିକୁ ଗ୍ରହଣ ନ କଲେ ସାରାଦେଶରେ ଆନ୍ଦୋଳନ ଡାକରା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଫାଉଣ୍ଡେଶନର କେନ୍ଦ୍ରୀୟ ସଂଯୋଜକ ଅଙ୍କିତ ଭରଦ୍ୱାଜ୍, ରାଜ୍ୟ ଶାଖାର ଶିଶିର ରଞ୍ଜନ ଶତପଥୀ, ସଚ୍ଚିଦାନନ୍ଦ ସା, ସୁଜାତା ମହାପାତ୍ର, ରଞ୍ଜନ ସାହୁ, କଲ୍ୟାଣ ଆନନ୍ଦଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଫାଉଣ୍ଡେଶନର ସଦସ୍ୟଙ୍କ ସମେତ ଅନ୍ୟମାନେ।

# ସୁରଭିରେ ଶହେ ପ୍ରତିଯୋଗୀ

କଣିହାଁ,୧୩।୧୧(ଡି.ଏନ.ଏ.)

କଣିହାଁସ୍ଥିତ ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣିହାଁ ହାଇସ୍କୁଲ ପ୍ରଧାନଶିକ୍ଷକ ଦାଶରଥି ଜେନା, ସାମାଜିକ କର୍ମୀ ରଞ୍ଜନ କୁମାର ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଳ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୭ଟି ଆଞ୍ଚଳିକ ସାଧାନକେନ୍ଦ୍ରର ମୋଟ ୧୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ଘୋଷଣା କରାଯାଇଥିଲା। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଧାନ ଏହାର ଆୟୋଜନ କରିଥିବାବେଳେ ବ୍ଲକର ସମସ୍ତ ସିଆର୍‌ସିସି ଶ୍ରୀଧର କୁମାର ଦାଶ, ସନ୍ତୋଷ କୁମାର ମିଶ୍ର, ଭିକାରୀ ସାହୁ, ଗିରିଶ ଚନ୍ଦ୍ର ସାହୁ, ଶିକ୍ଷକ ଅମରେନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, କାଳନ୍ଦୀଚରଣ ସାହୁ, ମଙ୍ଗୁଲୁ ଚରଣ ସାହୁ, ଦୁଃଖବନ୍ଧୁ ସାହୁ, ବରୁଣ କୁମାର ରାଜ, ନିରୁପମା ଷଡ଼ଙ୍ଗୀ, ସସ୍ମିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଲିଙ୍ଗରାଜ ବେହେରା ଧନ୍ୟବାଦ ଦେଇଥିଲେ।

# ତପୋବନରେ ବାର୍ଷିକ ମେଳା



ଜଗତକଲ୍ୟାଣ ଉଦ୍ଦେଶ୍ୟରେ ସାଧୁସନ୍ଥମାନେ ପ୍ରାର୍ଥନା କରୁଛନ୍ତି।

ଗଁଦିଆ, ୧୩।୧୧

ମହିମା ଧର୍ମର ଆଦିପୀଠ ତଥା ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ତପୋବନ ପରିସରରେ ବାର୍ଷିକ ମେଳା ଶନିବାର କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଧୁସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁମାନେ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଶୂନ୍ୟ ଦିଅଁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। କାର୍ତ୍ତିକ ମାସ ଶୁକ୍ଳ ଦଶମୀ ତିଥିରେ ମହିମା ଗୋସାଇଁଙ୍କ ସହିତ ତାଙ୍କ ପରମଶିଷ୍ୟ ଗୋବିନ୍ଦ ବାବାଙ୍କ ମିଳନ ହୋଇଥିଲା। ଗୁରୁ-ଶିଷ୍ୟ ମିଳନର ଏହି ସ୍ମୃତିକୁ ଉଜ୍ଜୀବିତ କରାଇବା ଲାଗି ପ୍ରତିବର୍ଷ ତପୋବନରେ ବାର୍ଷିକ ମେଳା ପାଳିତ ହୋଇଥାଏ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ତହସିଲଦାର ଆଶିଷ ପ୍ରଧାନ, ଉଦ୍ୟାନବିତ୍ ଭଗବାନ ଦାଶ, ଆବାହକ ପ୍ରଦ୍ୟୁମ୍ନ ରଥ, ସତ୍ୟ ଅଲେଖ ମହିମା ଧର୍ମଧାମ ସଭାପତି ରଘୁନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ୨୭ତମ ତପୋବନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୀଠର ଉନ୍ନତି ଲାଗି ଜିଲାପାଳ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଫାଇନାଲରେ ମର୍ନିଂ କ୍ଲବ

ଢେଙ୍କାନାଳ ଅଫିସ, ୧୩।୧୧

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଆନ୍ତଃକ୍ଲବ ଫୁଟ୍‌ବଲ୍ ପ୍ରତିଯୋଗିତାର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ ଫୁଟବଲ ଏକାଡେମୀକୁ ୩-୦ ଗୋଲରେ ପରାସ୍ତ କରି ଢେଙ୍କାନାଳ ମର୍ନିଂ କ୍ଲବ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲ୍ ମ୍ୟାଚ୍‌ରେ ମର୍ନିଂ କ୍ଲବ ବନମାଳୀପ୍ରସାଦ ମା’ ମଙ୍ଗଳା ଫୁଟବଲ କ୍ଲବ୍‌କୁ ଭେଟିବ। ଆଶୀର୍ବାଦ କାନୁନଗୋ, ଅନିଲ ନନ୍ଦ, ଦେବରାଜ ସ୍ୱାଇଁ, ଅରୁଣ ନାୟକ, ଅଭିଜିତ ମିଶ୍ର, ପର୍ଶୁରାମ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ଶତ୍ରୁଘ୍ନ ମାଟି ଧାରାବିବରଣୀ ଦେଇଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଶଙ୍କର୍ଷଣ ଖେମକା, ସମ୍ମାନିତ ଅତିଥି ଜିଲା ଓକିଲ ସଂଘ ଉପସଭାପତି ସରୋଜ ପାଢ଼ୀ ଯୋଗଦେଇଥିଲେ।

# ଲୋକଙ୍କ ନିକଟରେ ଯୋଜନା ପହଞ୍ଚାଅ

ବଇଣ୍ଡା,୧୩।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ସଭାଗୃହ ପରିସରରେ ଶନିବାର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ଅଧିକାରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ, କିଶୋରନଗର ୨୩ ପଞ୍ଚାୟତ, ଅନୁଗୋଳ ବ୍ଲକର ୭ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନାର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, କିଶୋରନଗର ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

# ରାତି ଅଧିଆ କାଢ଼ି ଦେଲେ

ଅନୁଗୋଳ ଅଫିସ, ୧୩।୧୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୯ ମାର୍ଚ୍ଚ ୧୩ରୁ ୨୦୨୧ ମଧ୍ୟରେ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତିରେ ଅନିୟମିତତା ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ନିଯୁକ୍ତ କର୍ମଚାରୀଙ୍କୁ ଛଟେଇ କରିବାକୁ ଗତ ୧୧ ତାରିଖରେ ଚିଠି କରିଥିଲେ। ଏହି ନିର୍ଦ୍ଦେଶନାମା ପାଇବା ପରେ ମେଡିକାଲ କର୍ତ୍ତୃପକ୍ଷ ଶୁକ୍ରବାର ରାତିରେ ୧୧ ଜଣ ପାରା ମେଡିକାଲ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ-୨୪୧୭/୧୨।୧୧।୨୦୨୧ରେ ୩ ଜଣ ଲାବରେଟୋରି ଟେକ୍ନିସିଆନ୍, ୫ ଫାର୍ମାସିଷ୍ଟ ଓ ୩ ଜଣ ରେଡିଓ ଗ୍ରାଫରଙ୍କୁ ଛଟେଇ କରାଯାଇଛି। ଅନ୍ୟପକ୍ଷରେ ଚାକିରିରୁ ବିଦା ହୋଇଥିବା ୧୧ ଜଣ କର୍ମଚାରୀ ନ୍ୟାୟିକ ବ୍ୟବସ୍ଥାର ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

# ଅନୁଗୋଳରେ ଲାଇଫ ଲାଇନ ଏକ୍ସପ୍ରେସ



ଅନୁଗୋଳ ଷ୍ଟେଶନରେ ପହଞ୍ଚିଥିବା ଲାଇଫ୍ ଲାଇନ ଏକ୍ସପ୍ରେସ୍।

ଅନୁଗୋଳ ଅଫିସ, ୧୩।୧୧

ଅନୁଗୋଳ ରେଳ ଷ୍ଟେଶନରେ ପ୍ରଥମ ଥର ପାଇଁ ହସ୍ପିଟାଲ ଇନ୍ ଟ୍ରେନ ଲାଗିଛି। ଏହା ୧୫ ଦିନ ପର୍ଯ୍ୟନ୍ତ ଷ୍ଟେଶନ୍‌ରେ ରହି ରୋଗୀଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେବା ସହ ଔଷଧ ପ୍ରଦାନ କରିବ। ଏଥିରେ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ରହିଥିବାବେଳେ ଅଭିଜ୍ଞ ଡାକ୍ତରମାନେ ଆବଶ୍ୟକସ୍ଥଳେ ରୋଗୀଙ୍କ ଅସ୍ତ୍ରୋପଚାର ମଧ୍ୟ କରିପାରିବେ। ତେଣୁ ଏହାକୁ ଲାଇଫ ଲାଇନ ଏକ୍ସପ୍ରେସ କୁହାଯାଉଥିବା ପରିଚାଳନା ସଂସ୍ଥା ଇମ୍ପାକ୍ଟ ଇଣ୍ଡିଆ ଫାଉଣ୍ଡେଶନ୍ ପକ୍ଷରୁ କୁହାଯାଇଛି। ଏହି ଟ୍ରେନରେ ୨ଟି ଅସ୍ତ୍ରୋପଚାର ବଗି ରହିଛି। ଏହି ସେବା ପାଇଁ ଦେଶର ବଡ଼ ବଡ଼ ଶିଳ୍ପ ଅନୁଷ୍ଠାନ ସେମାନଙ୍କ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି (ସିଏସ୍‌ଆର୍)ରୁ ଅର୍ଥ ଯୋଗାଇ ଦେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଫାଉଣ୍ଡେଶନ ବିଭିନ୍ନ ସ୍ଥାନକୁ ଯାଇ ସେବା ଯୋଗାଇ ଦେଉଛି ବୋଲି ସଂସ୍ଥାର ଅଧିକାରୀ ପ୍ରଫେସର ରୋହିଣୀ ଭି. ଚୋଗୁଲୁ କହିଛନ୍ତି। ରୋଗୀଙ୍କୁ ନେବା ଆଣିବା ପାଇଁ ୩ଟି ଅତ୍ୟାଧୁନିକ ଆମ୍ବୁଲାନ୍ସ ରଖାଯାଇଛି। ଟ୍ରେନ୍ ଭିତରେ ଅତ୍ୟାଧୁନିକ ହସ୍ପିଟାଲ ସାରା ବିଶ୍ୱରେ ପ୍ରଥମ ବୋଲି ଇମ୍ପାକ୍ଟ ଇଣ୍ଡିଆ ଫାଉଣ୍ଡେଶନ ପରିଚାଳକ ବିବେକ ଦାସ ସୂଚନା ଦେଇଛନ୍ତି।

# ୨୦ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ, ୧୩।୧୧

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆର ବାର୍ଷିକ ଉତ୍ସବ ଏବଂ କପିଳାସ ମହୋତ୍ସବ ଅବସରରେ ଶନିବାର ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍‌ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବିରଞ୍ଚି ନାରାୟଣ ପାଣି, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ନାଟ୍ୟକାର ଅରବିନ୍ଦ ସାହୁ, ସାମାଜିକ କର୍ମୀ ରାଜକିଶୋର ବେହେରା, କବି ବାହାଦୁର ପାଟସାହାଣୀ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୪୯ ଥର ରକ୍ତଦାନ କରିଥିବା ଯୁବ ସାମାଜିକ କର୍ମୀ ରଞ୍ଜନ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୌମ୍ୟବ୍ରତ ସାହୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ମହୋତ୍ସବର ଉଦ୍‌ଯାପନୀ ସମାରୋହ ରହିଛି।



ରକ୍ତଦାତା ରଞ୍ଜନ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା,୧୩।୧୧(ଡି.ଏନ.ଏ.)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୮୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା ନୁନୁକାପଶି ଗ୍ରାମର ଅଜୟ ପ୍ରଧାନ, ଗୁଣ୍ଡୁରୀମୁଣ୍ଡା ଗ୍ରାମର ବିନୋଦ ବେହେରା, କୁଶପୁର ଗ୍ରାମର ଅମୂଲ୍ୟ ଭୁକ୍ତାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ, ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ଚଢ଼ାଉ କରିଥିଲେ।

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ

# କେବଳ ନୈରାଶ୍ୟ



ଆକାର ପଟେଲ

ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କ ମନ୍ତବ୍ୟ ଚଳିତ ସପ୍ତାହର ଏକ ବଡ଼ ଖବର। ସେ କହିଥିଲେ, ସ୍ୱାଧୀନତା ପାଇଁ ଭାରତର ସଂଗ୍ରାମ ଭିକ୍ଷା ସଦୃଶ ଏବଂ ପ୍ରକୃତ ସ୍ୱାଧୀନତା ଆସିଥିଲା ୨୦୧୪ ପରେ । ୪ ଦିନ ଧରି ଏହି ବିଷୟ ସୋସିଆଲ ମିଡିଆ ଓ ଅନ୍ୟ ମିଡିଆଗୁଡ଼ିକରେ ଅଧିକ ପ୍ରସାରଣ କରାଗଲା। ଚଳିତ ମାସ ପ୍ରାରମ୍ଭରେ କେନ୍ଦ୍ର ସରକାରଙ୍କ ନାର୍କୋଟିକ୍ସ ସଂସ୍ଥା ଦ୍ୱାରା ଆର୍ଯ୍ୟନ ଖାନ୍ ଗିରଫ ହୋଇ ଜେଲ୍‌ରେ ରହିଥିଲେ। ସେତେବେଳେ ଉକ୍ତ ଘଟଣା ସମସ୍ତ ମିଡିଆର ମୁଖ୍ୟ ନ୍ୟୁଜ୍ ବା ଖବର ହୋଇଥିଲା ଓ ତିନି ସପ୍ତାହ ଧରି ଗଣମାଧ୍ୟମରେ ଛାଇ ହୋଇଯାଇଥିଲା । ଏହି ସମୟରେ ଟିଭିରେ ଏହା ବିତର୍କର ମୁଖ୍ୟ ପ୍ରସଙ୍ଗ ପାଲଟିଗଲା। ଏସବୁକୁ ଦେଖି ମୋ ନୂଆ ବହି ପାଇଁ ମୁଁ ଦୁଇଟି ବୃହତ୍ ଇଂଲିଶ ନ୍ୟୁଜ ନେଟ୍‌ଓ୍ୱର୍କ ସଂସ୍ଥାର ଖବର ପ୍ରସାରଣର ଧାରା ଉପରେ କିଛି ଅନୁଧ୍ୟାନ କଲି। ଅଗଷ୍ଟ ୨୦୨୦ରେ ରିପବ୍ଲିକ ଟିଭିର ୪୮ଟି ବିତର୍କରୁ ସ୍ୱତନ୍ତ୍ର ଭାବେ ୩୮ଟି ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଉପରେ କରାଯାଇଥିଲା। ସେହିଭଳି ଟାଇମ୍ସ ନାଓ ଏହି ଅଭିନେତା ଓ ତାଙ୍କ ବାନ୍ଧବୀ ସମ୍ପର୍କିତ ବିତର୍କର ଆୟୋଜନ କରିଥିଲା। ବିହଙ୍ଗ ଜୁମଲେ ଏବଂ ଖ୍ରୀଷ୍ଟୋଫେ ଜାଫ୍ରିଲଟ୍ ମଧ୍ୟ ମେ ୨୦୧୭ରୁ ଏପ୍ରିଲ ୨୦୨୦ ପର୍ଯ୍ୟନ୍ତ ରିପବ୍ଲିକ ଟିଭିର ପ୍ରସାରିତ ବିଷୟବସ୍ତୁ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୟରେ ମୋଟ ୧୭୭୯ ବିତର୍କ ମଧ୍ୟରୁ ଅର୍ଦ୍ଧେକରେ ବିରୋଧୀଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା । ସରକାରଙ୍କୁ ସମାଲୋଚନା କଲା ଭଳି ଗୋଟିଏ ବି ବିତର୍କ ସାମ୍ନାକୁ ଆସି ନ ଥିବା ଜଣାପଡ଼ିଲା। ଗଣମାଧ୍ୟମଗୁଡ଼ିକ ଗୋଟିଏ ବିଷୟ ପ୍ରସାରଣ କରିବା ପରେ ଆଉ ଗୋଟିଏ ଘଟଣାକୁ ଯାଉଛନ୍ତି ଓ କିଛି ଦିନ ପୂର୍ବେ ଜୋର୍‌ସୋରରେ ପ୍ରସାର କରିଥିବା ଘଟଣାକୁ ଆଉ ଫେରୁ ନାହାନ୍ତି। ଆମେ ବର୍ତ୍ତମାନ କେତୋଟି ଖବର ସୁଶାନ୍ତ ସିଂ ରାଜପୁତ 'ହତ୍ୟା' କିମ୍ବା ଶଶୀ ଥରୁର୍‌ଙ୍କ ସ୍ତ୍ରୀଙ୍କ 'ହତ୍ୟା' ଦେଖୁଛେ ? କିଛି ଦେଖିବାକୁ ପାଉନେ। ମିଡିଆ ଏବେ ଆର୍ଯ୍ୟନ ଖାନ୍ ଏବଂ କଙ୍ଗନା ରାଣାଓ୍ୱତ ଆଡ଼କୁ ମୁହାଁଇଛି ଓ ଆସନ୍ତା କାଲି ଆଉ କିଛି ପ୍ରସାରଣ କରିବାରେ ଲାଗି ପଡ଼ିବ। ସେମାନେ ଯୋଜନାବଦ୍ଧ ଭାବେ ଲଗାତର ଏଭଳି କରୁଛନ୍ତି ଏବଂ ଆମ ଭଳି ଦର୍ଶକଙ୍କ ଆଗ୍ରହକୁ ସେମାନେ ଲକ୍ଷ୍ୟ କରୁଛନ୍ତି। ଆମେ ମଧ୍ୟ ଏହା ଉପରେ ଉତ୍ସାହ ବା ପ୍ରତିକ୍ରିୟା ପ୍ରକାଶ କରୁଛୁ।

ଯେଉଁ ଦେଶଗୁଡ଼ିକରେ ଅଧିକ ଲାଇଫ୍ ଏକ୍ସପେକ୍ଟାନ୍ସି, କମ୍ ଶିଶୁ ମୃତ୍ୟୁହାର, ଉଚ୍ଚ ରୋଜଗାର, ଅଧିକ ମଜୁରି, ବିକଶିତ ଶିକ୍ଷା, କମ୍ ଅପରାଧ,ଅଧିକ ଲିଙ୍ଗଗତ ସମାନତା ଓ ବ୍ୟକ୍ତିଗତ ସ୍ୱାଧୀନତା ଥିବ ଏବଂ ନ୍ୟାୟିକ ବ୍ୟବସ୍ଥା କାର୍ଯ୍ୟ କରୁଥିବ ; ସେଠାରେ ନିରର୍ଥକ ନ୍ୟୁଜ ପ୍ରକାଶ କିମ୍ବା ପ୍ରସାରଣ କରିବାରେ ମିଡିଆ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ସମସ୍ୟା ଜର୍ଜରିତ ଭାରତରେ ସମସ୍ୟାଭିତ୍ତିକ ନ୍ୟୁଜ୍‌କୁ ଛାଡ଼ି ଅନ୍ୟଥିରେ ମିଡିଆ ମାତୁଛି। ଲାଇଫ୍ ଏକ୍ସପେକ୍ଟାନ୍ସିରେ ଭାରତ ଇରାକ ଓ ନେପାଳ ପଛରେ ୧୩୬ ସ୍ଥାନରେ ରହିଛି। ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଶିଶୁ ମୃତ୍ୟୁହାର ୟେମେନ ଓ ସୁଦାନଠାରୁ ମଧ୍ୟ ଖରାପ। ସ୍ୱାଧୀନତା ପୂର୍ବର ବେରୋଜଗାର ସ୍ତର ୨୦୧୮ ପରଠାରୁ ଲାଗି ରହିଛି। ୨୦୧୩ରେ ଯେତିକି ଭାରତୀୟ କାମ କରୁଥିଲେ ଏବେ ତା'ଠାରୁ ୫ କୋଟି କମ୍ ଲୋକ କରୁଛନ୍ତି। ଏହି ସମୟରେ ଅତିରିକ୍ତ ୧୩ କୋଟି ଲୋକ କାର୍ଯ୍ୟ କରିବାର ବୟସରେ ଉପନୀତ ହୋଇଥିଲେ ମଧ୍ୟ ଆମ ଶ୍ରମ ଶକ୍ତି ହ୍ରାସପାଇଛି। ସବୁ ଗୁରୁତ୍ୱପୂର୍ଣ୍ଣ ଦିଗରୁ ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ତୁଳନାରେ ଭାରତୀୟଙ୍କ ଜୀବନ ଭଲ ନୁହେଁ। କିନ୍ତୁ ଏସବୁ ଆମ ମିଡିଆରେ ପ୍ରକାଶ ପାଉନାହିଁ। ଆମେ ମଧ୍ୟ ଏ ବିଷୟଗୁଡ଼ିକ ଜାଣିବା ଲାଗି କାହିଁକି ଆଗ୍ରହ ଦେଖାଉ ନାହୁଁ ତା' ଉପରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ମୋ ମତରେ ଏଥିପାଇଁ ଆମେ ମିଡିଆକୁ ଦୋଷ ଦେଇ ପାରିବା ନାହିଁ। କେଉଁ ନ୍ୟୁଜର ଗୁରୁତ୍ୱ ରହିଛି ତାହା ସ୍ଥିର କରିବାର ଅଧିକାର ବା ସ୍ୱାଧୀନତା ରହିଛି ମିଡିଆର। ସେମାନଙ୍କଠାରୁ ନ୍ୟୁଜ ଦେଖିବାର ମଧ୍ୟ ଆମର ଅଧିକାର ଅଛି ଓ କେଉଁ ନ୍ୟୁଜ ଦେଖିବା ତାହା ଆମକୁ ନିଶ୍ଚିତ କରିବାକୁ ହେବ । ସେମାନେ ଯାହା ପ୍ରସାରଣ କରୁଥିଲେ ସେସବୁ ଅପ୍ରାସଙ୍ଗିକ ଓ ଆମ ସମୟ ପାଇଁ ଉପଯୁକ୍ତ ନୁହେଁ ବୋଲି ଯଦି ଆମେ ଅନୁଭବ କରିଥାନ୍ତେ ତେବେ ଆମେ ତାହାକୁ ଦେଖୁ ନ ଥାନ୍ତେ। କିନ୍ତୁ ଭାରତରେ ତାହା ହେଉନାହିଁ। ଏଭଳି ନ୍ୟୁଜ ମହତ୍ତ୍ୱହୀନ ଓ ହାସ୍ୟାସ୍ପଦ ହେଲେ ବି ଏହାର ଗୁରୁତ୍ୱ ରହୁଛି,କାରଣ ଆମ ପାଖରେ ଅନ୍ୟ ନ୍ୟୁଜର ଅଭାବ ରହିଛି।

ଭାରତର ମୋଟ ଜନସଂଖ୍ୟାର ୬୦%( ୮୦ କୋଟି) ଲୋକଙ୍କୁ ଗତବର୍ଷରୁ ମାଗଣାରେ ଦିଆଯାଉଥିବା ମୁଣ୍ଡପିଛା ୫ କେ.ଜି. ଖାଦ୍ୟଶସ୍ୟ ନଭେମ୍ବର ଶେଷସୁଦ୍ଧା ବନ୍ଦ କରାଯିବ ବୋଲି ମନ୍ତ୍ରୀମାନେ କହିଛନ୍ତି। ସରକାରୀ ସର୍ଭେରୁ ଜଣାପଡ଼ିଛି, ଅପପୁଷ୍ଟି ଅନେକ ରାଜ୍ୟରେ ବୃଦ୍ଧିପାଇଛି। ତେବେ ବିଗତ ଦିନରେ ଟିଭିରେ ଯେଉଁ ବିଷୟଗୁଡ଼ିକ ପ୍ରସାରିତ କରାଯାଉଥିଲା ବା ଆଜି ହେଉଛି ସେଥିପ୍ରତି ଆମେ ଯେତିକି ଗୁରୁତ୍ୱ ଦେଉଛୁ ସମସ୍ୟାଗୁଡ଼ିକ ଉପରେ ସେତିକି ଚିନ୍ତା ପ୍ରକଟ କରୁନାହୁଁ। ଆମକୁ କୁହାଯାଉଛି ଆମେ ଜାତୀୟତାବାଦକୁ ଆଧାରକରି ଆଗେଇଉଛୁ। ହେଲେ ଆମ ମୁଣ୍ଡପିଛା ଜିଡିପି ବାଂଲାଦେଶ ପଛରେ ଥିଲେ ମଧ୍ୟ ଆମେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କଲୁ ନାହିଁ। ସବୁଠୁ ଆଶ୍ଚର୍ଯ୍ୟର କଥା,ଯାହାକୁ ଆମେ ଅରୁଣାଚଳ ପ୍ରଦେଶ କହୁଛୁ ଚାଇନା ତାହାକୁ ସାଉଥ୍ ତିବ୍ବତ କହି ସେଠାରେ ଗାଁ ଗଢି ଲୋକଙ୍କୁ ରଖୁଥିଲେ ମଧ୍ୟ ସେହି ନ୍ୟୁଜକୁ କଙ୍ଗନା ରାଣାଓ୍ୱତଙ୍କ ୩୦ ସେକେଣ୍ଡ୍ ବିଶିଷ୍ଟ କ୍ଲିପଠାରୁ କମ୍ ସମୟ ପ୍ରସାରଣ କରାଗଲା। ଏଭଳି ଦେଶର ଭାଗ୍ୟ କ'ଣ ? ଏଭଳି ସ୍ଥିତିରେ ଦେଶକୁ ନେଇ ଆଶାବାଦୀ ହେବା କଠିନ। ଆମେ ଏବେ କେଉଁଠି ପହଞ୍ଚିଛୁ ଓ କେଉଁଆଡ଼େ ମୁହାଁଉଛୁ । ଏହାକୁ ନେଇ ଆମ ମଧ୍ୟରେ କେବଳ ନୈରାଶ୍ୟ ପ୍ରକାଶ ପାଇଛି ଓ ତାହା ବିଗତ କିଛି ବର୍ଷର ଘଟଣାବଳୀରୁ ପ୍ରମାଣିତ ହୋଇଛି।

Email:aakar.patel@gmail.com

# ଜଗତେ କେବଳ...



ଡ.ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ମହାରଥୀ ପଣ୍ଡିତ ଜବାହରଲାଲ ନେହେରୁ। କଂଗ୍ରେସର ଲକ୍ଷ୍ନୌ ଅଧିବେଶନ (୧୯୧୬)ରେ ଗାନ୍ଧିଜୀଙ୍କ ସହ ସାକ୍ଷାତ୍ ହେଲା ପରେ ଲୁହାକୁ ଚୁମ୍ବକ ଟାଣିଲା ପରି ତାଙ୍କୁ ଆକର୍ଷିତ କଲା ଗାନ୍ଧୀଙ୍କ ଅହିଂସା ନୀତି ଓ ଅସାଧାରଣ ବ୍ୟକ୍ତିତ୍ୱ। ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱରେ ସେ ଯେତିକି ପ୍ରଭାବିତ ହୋଇଥିଲେ, ଗାନ୍ଧିଜୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ତାଙ୍କ ତ୍ୟାଗ,ସାହସ ଓ ଦେଶପ୍ରେମ। ଇଂରେଜ ବିରୋଧରେ ଏକ ଲମ୍ବା ଲଢ଼େଇ ଲଢ଼ିବା ଅବସରରେ ଗାନ୍ଧିଜୀ ଜାତୀୟସ୍ତରର ବହୁ ନେତାଙ୍କ ଅନ୍ତନାଡ଼ିକୁ ଚିପିଥିଲେ ଏବଂ ବିଭିନ୍ନ ଦୃଷ୍ଟିକୋଣରୁ ପରୀକ୍ଷା ନିରୀକ୍ଷା କରି ନେହେରୁଙ୍କ ଭିତରେ ଖୋଜି ପାଇଥିଲେ ଜଣେ ରାଷ୍ଟ୍ରନାୟକର ବିଚାର ତଥା ଜଣେ ବୀର ଯୋଦ୍ଧାର ଓଜ ଓ ତେଜ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା କେବଳ ଉଦାରବାଦୀ ନେତା ନେହେରୁଙ୍କ ହାତରେ ସୁରକ୍ଷିତ ରହିପାରିବ ଦେଶର ଭବିଷ୍ୟତ। ଏହାହିଁ ଥିଲା ନେହେରୁଙ୍କ ପ୍ରତି ତାଙ୍କର ଦୁର୍ବଳତା ଏବଂ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କୁ ବାଛିବାର ମୂଳାଧାର।

ପଣ୍ଡିତ ନେହେରୁ ଥିଲେ ନବ ଭାରତର ନିଆରା ବିନ୍ଧାଣି। ଦେଶକୁ ବିକାଶ ପଥରେ ଆଗେଇ ନେବା ପାଇଁ ସମ୍ବିଧାନ କାର୍ଯ୍ୟକାରୀ ହେବାର ପ୍ରଥମ ସକାଳରୁ (୧୯୫୦)ଗଠନ କଲେ ଯୋଜନା ଆୟୋଗ। ଆରମ୍ଭ ହେଲା ପଞ୍ଚବାର୍ଷିକ ଯୋଜନା। କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟକାରୀ ହେଲା ଭାକ୍ରାନଙ୍ଗଲ, ହୀରାକୁଦ ଓ ନାଗାର୍ଜୁନ ସାଗର ନଦୀବନ୍ଧ ଯୋଜନା। କେବଳ କୃଷି ନୁହେଁ, ଶିଳ୍ପ, ବିଜ୍ଞାନ, କାରିଗରି କୌଶଳ ଓ ମାନବ ସମ୍ବଳ ଆଦି ପ୍ରତ୍ୟେକ କ୍ଷେତ୍ରରେ ଆରମ୍ଭ ହେଲା ପ୍ରଗତିର ଯୁଗ।

କେମ୍ବ୍ରିଜ୍‌ରେ ଅଧ୍ୟୟନ ସମୟରୁ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା ବର୍ଣ୍ଣାଡ୍ ଶ' ଏବଂ ବର୍ଟାଣ୍ଡ ରସେଲ୍‌ଙ୍କ ସାମ୍ୟବାଦୀ ଚିନ୍ତାଧାରା। ସେଥିପାଇଁ ସେ ଜାତିପ୍ରଥାକୁ ଜାତୀୟ କଳଙ୍କ ବୋଲି କହୁଥିଲେ ଏବଂ ଦଳିତ ଓ ଅବହେଳିତଙ୍କ ଉନ୍ନତି ପାଇଁ ଆଣିଥିଲେ ସ୍ୱତନ୍ତ୍ର ଆଇନ। ନେହେରୁ ଥିଲେ ନାରୀ ପ୍ରଗତିର ଜଣେ ପ୍ରମୁଖ ପୃଷ୍ଠପୋଷକ। ଶିକ୍ଷା, ନିଯୁକ୍ତି, ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଓ ପୋଷ୍ୟ ସନ୍ତାନ ଗ୍ରହଣ ଆଦି ବିଭିନ୍ନ କ୍ଷେତ୍ରରେ ନାରୀ ସଶକ୍ତୀକରଣ ପାଇଁ ସେ ପ୍ରଣୟନ କରିଛନ୍ତି ଅନେକ ଯୁଗାନ୍ତକାରୀ ଆଇନ। ଦେଶର ସକଳ ବିବିଧତା ମଧ୍ୟରେ ଥିବା ଏକତା ନେହେରୁଙ୍କୁ ଅତି ମାତ୍ରାରେ ପ୍ରଭାବିତ କରିଥିଲା, ଯାହା ଫଳରେ ତାଙ୍କ ହୃଦୟକୁ କେବେ ସ୍ପର୍ଶ କରିପାରି ନଥିଲା ସାମ୍ପ୍ରଦାୟିକ ସଂକୀର୍ଣ୍ଣତା। ତାଙ୍କ ମତରେ ସାମ୍ପ୍ରଦାୟିକ ବିଦ୍ୱେଷ ହେଉଛି ସାମୂହିକ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ। ତେଣୁ ମନ୍ଦିର, ମସ୍‌ଜିଦ ବା ଗୁରୁଦ୍ୱାର ଗଢ଼ିବା ପରିବର୍ତ୍ତେ ସେ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ ଆଇଆଇଟି, ଇସ୍ପାତ କାରଖାନା ଓ ନଦୀବନ୍ଧ ଯୋଜନା ଆଦି ଉପରେ।

ନେହେରୁ ଥିଲେ ଗଣତାନ୍ତ୍ରିକ ବିଚାରଧାରାର ଜଣେ ନିଷ୍ଠାପର ଉପାସକ। ସହଯୋଗୀ ହୁଅନ୍ତୁ କି ବିରୋଧୀ, ସମସ୍ତଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ଥିଲା ତାଙ୍କ ଚରିତ୍ରର ବିଶେଷତ୍ୱ। ନିଜର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ବଳରେ ସେ କେବେ ଭିନ୍ନମତକୁ ଚାପି ଦେବାକୁ ଚାହୁଁ ନ ଥିଲେ, ବରଂ ବିରୋଧୀଙ୍କ ସମାଲୋଚନାକୁ ସ୍ୱାଗତ କରୁଥିଲେ ଉଦାର ହୃଦୟରେ। ତାଙ୍କ ସମୟରେ ଶଙ୍କର ଉଇକିଲ ନାମରେ ଗୋଟିଏ ବ୍ୟଙ୍ଗ ଓ ସମାଲୋଚନାଧର୍ମୀ ପତ୍ରିକା ପ୍ରକାଶ ପାଉଥିଲା ଏବଂ ତା'ର ସଂପାଦକ ଥିଲେ ଭାରତର ପ୍ରସିଦ୍ଧ କାର୍ଟୁନିଷ୍ଟ ଶଙ୍କର। ପ୍ରାୟ ସବୁ ଦଳର ନେତାଙ୍କ ଛାତିରେ ଛନକା ସୃଷ୍ଟି କରୁଥିଲା ପ୍ରତ୍ୟୁତ୍ପନ୍ନମତି ଶଙ୍କରଙ୍କ ବ୍ୟଙ୍ଗ। ଅଥଚ ନେହେରୁ ତାଙ୍କୁ ଉତ୍ସାହିତ କରି କହୁଥିଲେ ମୋତେ ବି ଛାଡ଼ିବନି ଶଙ୍କର।

ପଣ୍ଡିତ ନେହେରୁ ଥିଲେ ଜଣେ ଆତ୍ମପ୍ରଚାର ବିମୁଖ ରାଜନେତା। ଆତ୍ମସ୍ୱାର୍ଥ ନୁହେଁ, ମୂଲ୍ୟବୋଧ ପ୍ରତିଷ୍ଠା ଥିଲା ତାଙ୍କ ରାଜନୈତିକ ଆଦର୍ଶର ମୂଳକଥା। ପ୍ରଥମ ସାଧାରଣ ନିର୍ବାଚନ (୧୯୫୧)ରେ ସେ ଉତ୍ତର ପ୍ରଦେଶର ଫୁଲଝରି ଆସନରୁ ପ୍ରାର୍ଥୀ ହୋଇଥିଲେ ଏବଂ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ପ୍ରଭୁଦତ୍ତ ବ୍ରହ୍ମଚାରୀ। ପ୍ରଭୁଦତ୍ତ ଥିଲେ ମୌନବ୍ରତ ଧାରଣ କରିଥିବା ଜଣେ ଗୈରିକ ବସ୍ତ୍ରଧାରୀ ସନ୍ନ୍ୟାସୀ। ପ୍ରତିପକ୍ଷଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବାକୁ ଯାଇ ନିଜ ନିର୍ବାଚନମଣ୍ଡଳୀରେ ଆଦୌ ପ୍ରଚାର କରି ନ ଥିଲେ ନେହେରୁ। ଏ ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ- ପ୍ରତିଦ୍ୱନ୍ଦ୍ୱୀ ଯଦି ମୁହଁ ଖୋଲୁ ନାହାନ୍ତି, ତାଙ୍କ ବିରୋଧରେ ମୁଁ ପ୍ରଚାର କରିବି କାହିଁକି ? ଏଭଳି କରିବା ଦ୍ୱାରା କେବେ ବି ତିଆରି ହୋଇ ପାରିବନି ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା।

ଦେଶ ଗଠନ କ୍ଷେତ୍ରରେ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ପରସ୍ପର ସହଯୋଗୀ ଓ ପରିପୂରକ। ଦୁଇ ନେତାଙ୍କ ମଧ୍ୟରେ କିଛି ବୈଚାରିକ ବିଭେଦ ସତ୍ତ୍ୱେ ପରସ୍ପର ପ୍ରତି ଥିଲା ପ୍ରଚୁର ଶ୍ରଦ୍ଧା ଓ ସମ୍ମାନ। ଉଭୟ ନେତା କାନ୍ଧକୁ କାନ୍ଧ ମିଳାଇ ଦେଶ ସେବା କରିଛନ୍ତି ଓ ଉଭୟ ଉଭୟଙ୍କ ତ୍ୟାଗ ଓ ଦକ୍ଷତାକୁ ପ୍ରଶଂସା କରିଛନ୍ତି ଖୋଲା ମନରେ। ସର୍ଦ୍ଦାର ପଟେଲଙ୍କ ଭାଷାରେ ନେହେରୁ ହିଁ ଦେଶର ଆଦର୍ଶ ଓ ଜନଗଣଙ୍କ ନେତା, ଯାହାଙ୍କ ମହାନ୍ କୃତିତ୍ୱ ଓ ବିପୁଳ ସଫଳତା ଏକ ଖୋଲାବହି।

ରାଜନୀତି କ୍ଷେତ୍ରରେ ନେହେରୁ ଥିଲେ ଜଣେ ବିଶାଳ ହୃଦୟର ମଣିଷ। ଏ ସମ୍ପର୍କରେ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ କଥାଶିଳ୍ପୀ ତଥା ସାଂସଦ ସୁରେନ୍ଦ୍ର ମହାନ୍ତି ଲେଖିଥିବା ଏକ ଘଟଣା ଏଠାରେ ଉଲ୍ଲେଖନୀୟ। ଆଇନ ମନ୍ତ୍ରୀ ଚାରୁଚଂନ୍ଦ୍ର ବିଶ୍ୱାସ ରାଜ୍ୟ ସଭାରେ ଆଗତ କରିଥିବା ହିନ୍ଦୁ ବିବାହ ବିଚ୍ଛେଦ ଆଇନର ଆଶୁ କାର୍ଯ୍ୟକାରିତା ଚାହୁଁଥିଲେ ପ୍ରଧାନମନ୍ତ୍ରୀ ନେହେରୁ। ମାତ୍ର ଯାଞ୍ଚ କମିଟିର ସଦସ୍ୟ ଭାବରେ ସୁରେନ୍ଦ୍ର ମହାନ୍ତି ବିଲ୍‌ଟିକୁ କିଛି କାଳ ଅଟକେଇ ରଖିଥିଲେ ନାନା ଯୁକ୍ତି, ବୈଧାନିକ ପ୍ରଶ୍ନ ଓ ପ୍ରତିବାଦ ଜରିଆରେ। ଏଥିରେ କ୍ଷୁବ୍ଧ ହୋଇ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତି କଟୁ ମନ୍ତବ୍ୟ ଦେବାକୁ ପଛେଇ ନ ଥିଲେ ପ୍ରଧାନମନ୍ତ୍ରୀ ନେହେରୁ। ମାତ୍ର ଏହାକୁ ନୀରବରେ ହଜମ କରିବା ଲୋକ ନ ଥିଲେ ସୁରେନ୍ଦ୍ର। ପ୍ରତିବାଦ ସ୍ୱରୂପ ସେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆଗତ କଲେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ। ତାଙ୍କର ଏଭଳି ଦୁଃସାହସ ପାଇଁ ରାଜ୍ୟ ସଭାରେ ସୃଷ୍ଟିହେଲା ଏକ ଉତ୍କଣ୍ଠାମୟ ଉତ୍ତେଜନା। ପ୍ରସ୍ତାବ ଫେରାଇ ନେବା ପାଇଁ ତାଙ୍କ ଉପରେ ପଡ଼ିଲା ପ୍ରବଳ ଚାପ। ମାତ୍ର ଏକ ଅନମନୀୟ ଔଦ୍ଧତ୍ୟ ନେଇ ସେ ଅଟଳ ରହିଲେ ନିଜ ଜିଦ୍‌ରେ।

ଶେଷରେ ସବୁ ଉତ୍ତେଜନାର ଅବସାନ ଘଟିଲା ଗୃହରେ, ନେହେରୁ ଆପୋଲୋଜି ମାଗିଲା ପରେ। ତା'ପରଠୁ ସୁରେନ୍ଦ୍ରଙ୍କ ଆଖିରେ ବହୁ ଉଚ୍ଚକୁ ଚାଲିଯାଇଥିଲେ ନେହେରୁ। ଏ ସମ୍ପର୍କରେ ସେ କହିଛନ୍ତି- ପ୍ରଧାନମନ୍ତ୍ରୀ ନେହେରୁଙ୍କ ଗୋଟିଏ ଚୁଟ୍‌କିରେ କୁଆଡ଼େ ହଜିଯାଇଥାନ୍ତା ସୁରେନ୍ଦ୍ର ମହାନ୍ତି ରାଜନୈତିକ ସ୍ଥିତି। ମାତ୍ର ପ୍ରଧାନମନ୍ତ୍ରୀଙ୍କ ମହାନୁଭବତା ପାଖରେ ସେ ଖୋଜିପାଇଲାନି ତା'ର ସ୍ୱାଭିମାନର ଅସ୍ତିତ୍ୱ। ବାସ୍ତବରେ ବିଶାଳ ହୃଦୟ ଥିବା ବ୍ୟକ୍ତିମାନେ କାଳେ କାଳେ ଏମିତି। ବିଶିଷ୍ଟ ଐତିହାସିକ ମନ୍ମଥନାଥ ଦାସଙ୍କ ଭାଷାରେ, ପଣ୍ଡିତ ନେହେରୁଙ୍କ ଭଳି ମଣିଷମାନେ ଜନ୍ମ ନିଅନ୍ତି ନାହିଁ, ଅବତରୀ ଆସନ୍ତି ଦେଶ ଓ ଜାତିକୁ ଦିଗ୍‌ଦର୍ଶନ ଦେବାପାଇଁ।

କେବଳ ରାଜନୀତି ନୁହେଁ, କଳା, ସାହିତ୍ୟ, ଦର୍ଶନ, ଇତିହାସ, ପ୍ରକୃତି ପର୍ଯ୍ୟବେକ୍ଷକ ଓ ବୈଜ୍ଞାନିକ ଅନୁସନ୍ଧାନ ଆଦି ବିଭିନ୍ନ ବିନିମୟରେ ପାରଦର୍ଶିତା ରଖିଥିବା ନେହେରୁ ଥିଲେ ସମକାଳର ଜଣେ ବିଶିଷ୍ଟ ଲେଖକ। କାରାଗାରରେ ଲେଖାଯାଇଥିବା ତାଙ୍କର ଅଧିକାଂଶ ପୁସ୍ତକ ମଧ୍ୟରୁ 'ଭାରତ ଆବିଷ୍କାର' ଏକ ଯୁଗାନ୍ତକାରୀ ସୃଷ୍ଟି।

ଦେଶ ପାଇଁ ନେହେରୁଙ୍କର ସବୁଠାରୁ ବଳିଷ୍ଠ ଅବଦାନ ହେଉଛି ତାଙ୍କ ବୈଦେଶିକ ନୀତି। ଆନ୍ତର୍ଜାତିକ ବନ୍ଧୁତ୍ୱ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଗୁରୁତ୍ୱ ଦେଇ ସେ ଘୋଷଣା କରିଥିଲେ ପଞ୍ଚଶୀଳ ନୀତି। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନିର୍ମାତା ଭାବରେ ସେ ବହୁ ଦେଶ ଭ୍ରମଣ କରିଛନ୍ତି ଏବଂ ସବୁଠି ପ୍ରଚାର କରିଛନ୍ତି ପ୍ରେମ ଓ ଶାନ୍ତିର ବାର୍ତ୍ତା। ମାତ୍ର ପଣ୍ଡିତ ନେହେରୁଙ୍କ ବୈଦେଶିକ ନୀତି ପୃଷ୍ଠଭୂମିରେ ଚାଇନାର ୧୯୫୪ ଚୁକ୍ତି ଉଲ୍ଲଙ୍ଘନ ଓ ଭାରତ ଆକ୍ରମଣ (୧୯୬୨) ଥିଲା ସ୍ୱାଧୀନ ଭାରତ ପାଇଁ ଏକ ଅନ୍ଧକାରମୟ ମୁହୂର୍ତ୍ତ ଓ ନେହେରୁଙ୍କ ରାଜନୈତିକ ଜୀବନର ସବୁଠାରୁ ବିସ୍ମୟକର ଓ ଦୁଃଖଦାୟକ ଘଟଣା।

ସଂପ୍ରତି ଦେଶର ବିଭିନ୍ନ ସମସ୍ୟାକୁ ନେଇ ଆଜି ନେହେରୁଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି ଅନେକ ନେତା। ମାତ୍ର ପୂର୍ବଜଙ୍କୁ ଦୋଷାରୋପ କରିବା ପୂର୍ବରୁ ତତ୍କାଳୀନ ପରିସ୍ଥିତି ସମ୍ପର୍କରେ ଅବଗତ ହେବା ଜଣେ ପ୍ରକୃତ ରାଜନେତାର କର୍ତ୍ତବ୍ୟ। ସେମାନେ ଜାଣିବା ଦରକାର ଯେ, ସ୍ୱାଧୀନତାର ବ୍ରାହ୍ମ ମୁହୂର୍ତ୍ତ ଥିଲା ଦେଶ ପାଇଁ ସବୁଠାରୁ ଅଶାନ୍ତ କାଳ। ଦେଶ ବିଭାଜନ ସହିତ ଆରମ୍ଭ ହୋଇ ଯାଇଥିଲା ବର୍ବରୋଚିତ ସାଂପ୍ରଦାୟିକ ହିଂସା। ପାକିସ୍ତାନ ଆଡୁ ଛୁଟି ଆସୁଥିଲା ଶରଣାର୍ଥୀଙ୍କ ସୁଅ। ଦେଶ ସାମ୍ନାରେ ଥିଲା ଲକ୍ଷ ଲକ୍ଷ ବାସହରାଙ୍କୁ ଥଇଥାନ କରିବାର ଆହ୍ୱାନ। ସବୁଠାରୁ ଚିନ୍ତାଜନକ ଥିଲା ଦେଶର ଦୁର୍ବଳ ଆର୍ଥିକ ସ୍ଥିତି। ଏଭଳି ପ୍ରତିକୂଳ ପରିସ୍ଥିତିରେ ନେହେରୁଙ୍କ ରାଜନୈତିକ ପ୍ରତିବଦ୍ଧତା ତାଙ୍କୁ ରାଷ୍ଟ୍ର ନିର୍ମାଣରେ ଯେଉଁ ଉଚ୍ଚତା ଦେଇଥିଲା, ତାକୁ ବୋଧହୁଏ ମାପିବା ପାଇଁ ଆଦୌ ସମର୍ଥ ନୁହନ୍ତି ବର୍ତ୍ତମାନର ବୌଦ୍ଧିକ ବାମନମାନେ। ଏହି ପରିପ୍ରେକ୍ଷୀରେ ଶେଷ କଥାଟି ହେଉଛି ସ୍ୱାଧୀନତା ସଂଗ୍ରାମରେ ଅବଦାନ, ପ୍ରଭାବ ଓ ଉତ୍କର୍ଷ ଦୃଷ୍ଟିରୁ ଯେଉଁ ମହାନ ଦେଶଭକ୍ତଙ୍କରଜ୍ୟେଷ୍ଠତ୍ୱ ଓ ଶ୍ରେଷ୍ଠତ୍ୱ ପ୍ରାପ୍ୟ,ତାଙ୍କୁ ସେ ଦୃଶପଟରୁ ନିଶ୍ଚିହ୍ନ କରିବା କଣ ସମ୍ଭବ ?ବରଂ ଏଭଳି ଅପଚେଷ୍ଟାର ପରିଣତି ହେବ ଅତ୍ୟନ୍ତ ହାସ୍ୟାସ୍ପଦ।କବିସୂର୍ଯ୍ୟଙ୍କ ଭାଷାରେ ଜଗତେ କେବଳ ଜନେ ହସିବେ ଏହି ତହୁଁ ଫଳ।

ଫୁଲମତୀ ହେମ୍ବ୍ରମ
ମହାବିଦ୍ୟାଳୟ,ପଡିଆବେଡା, ମୟୂରଭଞ୍ଜ,
ମୋ: ୬୩୭୧୬୪୨୪୬୪

# ସୌନ୍ଦର୍ଯ୍ୟର ନାୟିକା

ଅଭିଜ୍ଞତା ସାଉଁଟିବା ପାଇଁ କର୍ପୋରେଟ୍ ସଂସ୍ଥାରେ ଚାକିରି କରିଥିଲେ। ସେଠାରୁ କୌଶଳ ଶିଖିବା ପରେ ବୁଦ୍ଧି ଖଟାଇ ନିଜେ ଉଦ୍ୟୋଗ ଗଢ଼ିବାକୁ ଚାହିଁଲେ। ଅନ୍ୟମାନଙ୍କୁ ନିଯୁକ୍ତି ଦେବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସେ ହୋଇପାରିଛନ୍ତି ଭାରତର ଧନଶାଳୀ ସ୍ୱସମୃଦ୍ଧ ମହିଳା। ଭାରତର ୨୦ ସର୍ବାଧିକ ବ୍ୟକ୍ତିଙ୍କ ଭିତରେ ମଧ୍ୟ ସ୍ଥାନ ପାଇଛନ୍ତି। ୧୦ ନଭେମ୍ବର ୨୦୨୧ରେ ତାଙ୍କ ସୌନ୍ଦର୍ଯ୍ୟ ଓ ଜୀବନଶୈଳୀ ଖୁଚୁରା କମ୍ପାନୀ 'ନ୍ୟାକା' ବା 'ନାୟିକା' ୬.୫ ବିଲିୟନ ଡଲାରରେ ପହଞ୍ଚିବା ପରେ ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫାଲଗୁନି ନାୟାର ଯୁବ ଉଦ୍ୟୋଗୀଙ୍କ ପାଇଁ ଆଇକନ୍ ପାଲଟି ଯାଇଛନ୍ତି। ଅନ୍ୟତମ ସ୍ୱସମୃଦ୍ଧ ମହିଳା ବିଲିୟନେୟାର କିରନ ମଜୁମଦାର ଶ'ଙ୍କୁ ସେ ଟପିଯିବା ପରେ ଫାଲଗୁନିଙ୍କ ଔଦ୍ୟୋଗିକ ସଫଳ ଯାତ୍ରା ବିଷୟରେ ଚର୍ଚ୍ଚା ହେବା ସ୍ୱାଭାବିକ।



ବ୍ୟକ୍ତିତ୍ୱ

ଫାଲ୍‌ଗୁନି ନାୟାର

ଗୁଜରାଟୀ ପରିବାରରେ ଜନ୍ମିତ ଫାଲଗୁନି ମହାରାଷ୍ଟ୍ରର ବମ୍ବେଠାରେ ବଢ଼ିଥିଲେ। ବମ୍ବେର ସିଡେନ୍‌ହାମ୍ କଲେଜ ଅଫ୍ କମର୍ସ ଆଣ୍ଡ୍ ଇକୋନମିକ୍ସରୁ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ଅହମଦାବାଦସ୍ଥିତ ଭାରତୀୟ ପରିଚାଳନା ପ୍ରତିଷ୍ଠାନ (ଆଇଆଇଏମ୍)ରୁ ସ୍ନାତକୋତ୍ତର କରିଥିଲେ। ୧୯୮୫ରେ ମ୍ୟାନେଜମେଣ୍ଟ କନ୍‌ସଲ୍‌ଟିଂ କମ୍ପାନୀ 'ଏ ଏଫ୍ ଫର୍ଗୁସନ ଆଣ୍ଡ୍ କୋ'ରେ ସେ କନ୍‌ସଲଟାଣ୍ଟ ଭାବେ ଯୋଗ ଦେଇଥିଲେ। ୧୯୯୩ରେ ସେ କୋଟାକ୍ ମହିନ୍ଦ୍ରା ଗ୍ରୁପ୍‌ରେ ନିଯୁକ୍ତି ପାଇ ୨୦୦୫ରେ ଏହାର ପରିଚାଳନା ନିର୍ଦ୍ଦେଶକ ହୋଇଥିଲେ। ୧୯ ବର୍ଷ ସେଥିରେ ରହି କାର୍ଯ୍ୟ କରିବା ପରେ ୨୦୧୨ରେ ଚାକିରି ଛାଡ଼ିଥିଲେ। ଏହି ସମୟରେ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ଏହି ବୟସରେ ନୂଆ ଚିନ୍ତା ଧରି ସ୍ୱଅର୍ଜିତ ୨୦ ଲକ୍ଷ ଡଲାର ପୁଞ୍ଜିରେ ଆରମ୍ଭ କଲେ 'ନ୍ୟାକା'। ଉଲ୍ଲେଖଯୋଗ୍ୟ ଯେ ନ୍ୟାକା ହେଉଛି ଏକ ସଂସ୍କୃତ ଶବ୍ଦ, ଯାହାର ଅର୍ଥ ନାୟିକା। ତେବେ ଆଜି ସେ ଯେଉଁଠାରେ ପହଞ୍ଚିଛନ୍ତି ତାଙ୍କ ଉପରେ ବ୍ୟବସାୟୀ ପିତାଙ୍କ ଜିନ୍‌ର ପ୍ରଭାବ ରହିଥିଲେ ହେଁ ବାସ୍ତବ ଅଭିଜ୍ଞତା ସେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଉଦୟ କୋଟାକଙ୍କ ନିକଟରୁ ପାଇଥିବା କହିଥାଆନ୍ତି। ସେ ତାଙ୍କଠାରୁ ଦୁଇଟି କଥା ଭଲ ଭାବେ ଶିଖିଥିଲେ। ପ୍ରଥମରେ କର୍ପୋରେଟ୍ ଗଭର୍ନାନ୍ସ ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଥାଏ ଓ ଦ୍ୱିତୀୟରେ ଯାହା ଆର୍ଥିକ ଦୃଷ୍ଟିରୁ ପୋଷଣୀୟ (ସସ୍‌ଟେନେବଲ୍) ନୁହେଁ, ସେହି ଦିଗରେ ଆଗେଇବା ଠିକ୍ ନୁହେଁ। ଏହାକୁ ଗୁରୁଜ୍ଞାନ କରି ଫାଲ୍‌ଗୁନି ଇ-କମର୍ସ କସ୍‌ମେଟିକ୍ସ ରିଟେଲ ଭଳି ଷ୍ଟାର୍ଟ ଅପ୍ ଆରମ୍ଭ କରିଥିଲେ। କୌଣସି ଉପଭୋକ୍ତାଙ୍କୁ ଭୁଲ ପ୍ରୋତ୍ସାହନ ଦେଇ ନିଜ ଓ୍ୱେବ୍‌ସାଇଟ୍ ମାଧ୍ୟମରେ ଜିନିଷ କିଣିବାର କ୍ଷେତ୍ର ତିଆରି କରାଗଲେ, ବ୍ୟବସାୟ ଅଧିକ ସମୟ ତିଷ୍ଠି ରହିପାରି ନ ଥାଏ ବୋଲି ଉଦୟଙ୍କଠାରୁ ସେ ଶିଖିଥିଲେ ବୋଲି କହିଛନ୍ତି। ଅନୁରୂପ ଭାବେ ଉଦୟ କହିଥାଆନ୍ତି ଯେ, ଫାଲ୍‌ଗୁନିଙ୍କ ପାଖରେ ବ୍ୟବସାୟକୁ ବଢ଼ାଇବାର ପ୍ରତିଭା ଥିଲା। କୋଟାକ୍‌ରେ ଯୋଗଦେବାର ବର୍ଷକ ପରେ ସିଟିବ୍ୟାଙ୍କରେ କାର୍ଯ୍ୟ କରୁଥିବା ଫାଲଗୁନିଙ୍କ ସ୍ୱାମୀ ସଞ୍ଜୟ ନାୟାରଙ୍କ ଲଣ୍ଡନରେ ନିଯୁକ୍ତି ହୋଇଥିଲା। ତେଣୁ ଭାରତୀୟ ମହିଳା ଭାବେ ଫାଲ୍‌ଗୁନି ସେଠାକୁ ଯିବା ପାଇଁ ଚାହିଁଥିଲେ। ଏହା ଦେଖି ଉଦୟ ତାଙ୍କୁ ଲଣ୍ଡନରେ କୋଟାକର କାର୍ଯ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ ଓ ସେଠାରେ ଇକ୍ୟୁଟିଜ୍ ଓ ଜିଡିଆର୍ ବିକ୍ରି ଓ କାରବାର କରାଯାଇଥିଲା। ବ୍ରିଟେନ୍‌ରେ କୋଟାକ୍‌ର ଉପସ୍ଥିତି କେବଳ ଫାଲ୍‌ଗୁନିଙ୍କ ପାଇଁ ସମ୍ଭବ ହୋଇଥିଲା ବୋଲି ଉଦୟ କହିଥାଆନ୍ତି। ତେବେ ଏହାର ଦୁଇ ବର୍ଷ ପରେ ସଞ୍ଜୟଙ୍କ ନ୍ୟୁୟର୍କ ବଦଳି ହୋଇଯାଇଥିଲା। ତା' ପରେ ଫାଲ୍‌ଗୁନି ନ୍ୟୁୟର୍କରେ କୋଟାକ୍‌ର କାର୍ଯ୍ୟାଳୟ ଆରମ୍ଭ କରିଥିଲେ। ସେହି ସମୟରେ ଗୋଲ୍‌ଡମାନ୍ ସହ କୋଟାକ୍ ମିଳିତ ଭାବେ ବ୍ୟବସାୟ କରିଥିଲେ। ଫାଲ୍‌ଗୁନି ଗୋଲ୍‌ଡମାନ୍ ସାକ୍ସ କାର୍ଯ୍ୟାଳୟରେ ୬ ମାସ କାମ କରି ଅଭିଜ୍ଞତା ଅର୍ଜନ କରି ପରେ କୋଟାକ୍ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ସଞ୍ଜୟଙ୍କ ଭାରତ ବଦଳି ହୋଇ ସିଟିବ୍ୟାଙ୍କର କଣ୍ଟ୍ରିହେଡ୍ ହେବାରୁ ଫାଲ୍‌ଗୁନି ସ୍ୱଦେଶ ଫେରି କୋଟାକ୍ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗର ଦାୟିତ୍ୱ ନେଇଥିଲେ। କର୍ପୋରେଟ୍ ଜଗତରୁ ଆହରଣ କରିଥିବା ଅଭିଜ୍ଞତାକୁ ପୁଞ୍ଜି କରି ସେ ନିଜେ ଜଣେ ଉଦ୍ୟୋଗୀ ହେବା ବିଷୟ ଉଦୟଙ୍କୁ ଜଣାଇଥିଲେ। ଏବଂ କହିଥିଲେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବେ ନାହିଁ। ଇଣ୍ଟରନେଟ୍ ଓ ବିଉଟି ବ୍ୟବସାୟ ହେବ ତାଙ୍କ ଲକ୍ଷ୍ୟ। ଉଦୟ ସମ୍ମତି ଦେଇଥିଲେ। କର୍ପୋରେଟ୍ ଜଗତରେ ଚାକିରି ପାଇଁ ଭର୍ତ୍ତି ହୋଇଥିବା ଏହି ମହିଳା ଏବେ ଅନ୍ୟମାନଙ୍କୁ ନିଯୁକ୍ତି ଦେଇ ସୌନ୍ଦର୍ଯ୍ୟର ନାୟିକା ପାଲଟି ଯାଇଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଣେ ଶିକ୍ଷକଙ୍କ ଉଦ୍ୟମରେ ୪୪ ବର୍ଷ ପରେ ବିଦ୍ୟୁତ୍ ଆଲୋକ ଦେଖିଛି ନାଗାଲାଣ୍ଡର ଶିନ୍ୟୁ ଗାଁ। ବିଦ୍ୟୁତ୍ ଆଣିଥିବା ଶିକ୍ଷକ ଜଣକ ହେଉଛନ୍ତି ଜନ୍ ଖାଙ୍ଗନ୍ୟୁ। ସୂର୍ଯ୍ୟାଲୋକରୁ ଏହି ବିଦ୍ୟୁତ୍ ସଂଗ୍ରହ କରାଯାଉଛି। ୨୦୦୨ରେ ସରକାରୀ ଗାଁର ସ୍ୱୀକୃତି ପାଇଥିବା ମନ୍ ଜିଲାର ଏହି ଗାଁ ଭାରତ ଓ ମ୍ୟାନ୍‌ମାର ସୀମାରେ ରହିଛି। ଏଠାରେ କୋନୟାକ ନାଗା ସମ୍ପ୍ରଦାୟର ୬୦ ପରିବାର ରହୁଛନ୍ତି। ଗୋଟିଏ ସରକାରୀ ପ୍ରାଥମିକ ସ୍କୁଲ, ଗେଷ୍ଟ ହାଉସ, କମ୍ୟୁନିଟି ହଲ୍ ଏବଂ ଚର୍ଚ୍ଚ ରହିଛି। ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ ୨୦୧୫ରେ ନିଯୁକ୍ତି ପାଇବା ପରେ ସେହି ଗାଁକୁ ସୌର ବିଦ୍ୟୁତ୍‌ରେ ଆଲୋକିତ କରିଛନ୍ତି ୩୯ ବର୍ଷୀୟ ଜନ୍। ସେ ନିୟମିତ ୧୨ କି.ମି. ଚାଲି ଚାଲି ସ୍କୁଲକୁ ଯାଆନ୍ତି। ଏଥିପାଇଁ ଗାଁକୁ ସୋଲାର ଲାଇଟ୍‌ରେ ଆଲୋକିତ କରିବାରେ ଜନ୍‌ଙ୍କୁ ସହଯୋଗ କରିଛି ଗ୍ଲୋବାଲ ହିମାଳୟାନ ଏକ୍ସପେଡ଼ିଶନ। ଏବେ ପ୍ରତ୍ୟେକ ଘରେ ୧୭୦ ଓ୍ୱାଟ୍‌ର ସୋଲାର ପ୍ୟାନେଲ ଲଗାଯାଇଛି। ୧୧ଟି ସୋଲାର ଷ୍ଟ୍ରିଟ ଲାଇଟ୍ ମଧ୍ୟ ଜଳୁଛି ଓ ଏଥିପାଇଁ ପ୍ରତ୍ୟେକ ପରିବାର ୧୦୦ ଟଙ୍କା ଲେଖା ଦେଉଛନ୍ତି। ଏହି ଦୁର୍ଗମ ଗାଁରେ ସୋଲାର ସିଷ୍ଟମର ରକ୍ଷଣାବେକ୍ଷଣ ଲାଗି ଗାଁର ଲୋକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୯୬

- ଦକ୍ଷିଣ ଆଲଜିୟର୍ସସ୍ଥିତ ଗାରିସନ ସହର ନିକଟରେ ଥିବା ଏକ ଗ୍ରାମ ଉପରେ ଆକ୍ରମଣ କର ମୌଳିକତାବାଦୀ ମୁସଲମାନମାନେ ୪ ଜଣ ମହିଳା ଏବଂ ୩ ଜଣ ଶିଶୁଙ୍କ ସମେତ ୧୨ ଜଣ ଆଲଜେରୀୟଙ୍କୁ ହତ୍ୟା କରିଛନ୍ତି।
- ପୂର୍ବ ଜାଇରେରେ ଚାଲିଥିବା ଏକ ନିଯୁତ ଶରଣାର୍ଥୀଙ୍କୁ ରିଲିଫ ବଣ୍ଟନ ପାଇଁ ଉକ୍ତ ଅଞ୍ଚଳକୁ ନିୟନ୍ତ୍ରଣରେ ରଖିଥିବା ବିଦ୍ରୋହୀ ନେତାଙ୍କ ସହ ଜାତିସଂଘର ରିଲିଫ୍ ଏଜେନ୍‌ସି ମୁଖପାତ୍ରଙ୍କ ଚୁକ୍ତି।
- ରାଜସ୍ଥାନର କୁନ୍ଦି ଜିଲାରେ ଏକ ବସ୍ ନଦୀକୁ ଖସିପଡ଼ିବା ଫଳରେ ୩୪ ଯାତ୍ରୀଙ୍କ ପ୍ରାଣହାନି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | |
| 7 | 6 | | | | | 8 | | 5 |
| | 4 | | | 7 | | | 6 | |
| | | | | 3 | 6 | | 9 | 7 |
| | | | | | 9 | 4 | | 1 |
| 3 | | | 5 | | | | | 2 |
| 5 | | | | | 2 | | | |
| 9 | | | | | 7 | 2 | | |
| | | 8 | | 5 | 4 | 7 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 9 | 6 | 3 | 7 | 1 | 8 | 4 |
| 7 | 8 | 6 | 2 | 1 | 4 | 3 | 9 | 5 |
| 1 | 3 | 4 | 9 | 5 | 8 | 7 | 2 | 6 |
| 8 | 1 | 3 | 5 | 2 | 9 | 4 | 6 | 7 |
| 2 | 4 | 5 | 1 | 7 | 6 | 8 | 3 | 9 |
| 9 | 6 | 7 | 8 | 4 | 3 | 2 | 5 | 1 |
| 4 | 7 | 8 | 3 | 9 | 5 | 6 | 1 | 2 |
| 3 | 5 | 2 | 4 | 6 | 1 | 9 | 7 | 8 |
| 6 | 9 | 1 | 7 | 8 | 2 | 5 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେତେଦିନ ଭୁଆଁ ବୁଲେଇବେ

ମହାଶୟ,

ରାଜ୍ୟରେ ପଞ୍ଚମ ଥର ବିଜେଡି କ୍ଷମତାସୀନ ହେଲେ ମଧ୍ୟ ଦରିଦ୍ରତମ ରାଜ୍ୟର ପରିଚୟ ବଦଳିପାରିଲା ନାହିଁ। ଏବେ ମଧ୍ୟ ଖାଦ୍ୟ-ବସ୍ତ୍ର-ବାସଗୃହ ସମସ୍ୟା ଲାଗି ରହିଥିବାରୁ ଟଙ୍କିକିଆ ଚାଉଳ, ବିଜୁ ପକ୍କା ଘର, କମ୍ବଳ, ଛତା, ଜୋତା ସାହାଯ୍ୟ ଦେଉଛନ୍ତି। ବେକାରି, ବେରୋଜଗାରି ଏପରି ଉତ୍କଟ ହୋଇଛି ଯେ, ଯୁବଶକ୍ତି ଆତ୍ମ ବିଶ୍ୱାସ ହରାଇ ନିଶା ଏବଂ ଅପରାଧରେ କବଳିତ। ସରକାର ଭୋଟ ବ୍ୟାଙ୍କ ପାଇଁ ଗୋଟିକ ପରେ ଗୋଟିଏ ତୁଷ୍ଟୀକରଣ ଯୋଜନା ପ୍ରଣୟନ କରି ଲୋକଙ୍କ ମନ କିଣିବା ପାଇଁ ଆଗଭର ହେଉଛନ୍ତି। କର୍ମ ନିଯୁକ୍ତି ଏବଂ ବେରୋଜଗାର ପାଇଁ କିଛି କରି ନ ପାରି ବିଜୁ ଯୁବ ବାହିନୀ ଗଠନ କଲେ, କିନ୍ତୁ ସେମାନଙ୍କୁ ପାଳିବା ପୋଷିବା ମହଙ୍ଗା ପଡ଼ିବାରୁ ଯୁବ ସଙ୍ଗଠନକୁ ଭାଙ୍ଗି ଦେଇଥିଲେ। ଆଗରେ ପଞ୍ଚାୟତ ନିର୍ବାଚନ ଥିବାରୁ ରଙ୍ଗ ବଦଳାଇ ଯୁବକମାନଙ୍କୁ ଏକାଠି କରୁଛନ୍ତି। ରାଜ୍ୟବାସୀଙ୍କୁ କେତେ ଦିନ ଭୁଆଁ ବୁଲେଇବେ ସରକାର।

- ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଡ଼ତାର ଅବସାଦ ପ୍ରାଣର ପ୍ରେରଣାଘାତେ ଚୂର୍ଣ୍ଣ
ଭାରତର ପଥେ ଗ୍ରାମେ ଚଳ ଆହେ ବେଗବାନ ଘୂର୍ଣ୍ଣ
ତୁମରି ବିଗ୍ରହେ ଶତ ଶତାବ୍ଦୀର ସଞ୍ଚିତ ବିଦ୍ୟୁତ
ଚମକାଇ ଦେଉ ବିଶ୍ୱ ପୁଣି ଥରେ ହୋଇ କକ୍ଷଚ୍ୟୁତ।
-(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ନେଟ୍‌ୱର୍କ ଦୃଢ଼ୀକରଣ

**ଭୁବନେଶ୍ୱର,୧୩।୧୧:** ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କେନ୍ଦ୍ରାପଡ଼ାର ବିଦ୍ୟୁତ ଯୋଗାଣ ପାଇଁ ନେଟ୍‌ୱର୍କକୁ ସୁଦୃଢ଼ କରାଯାଇଛି। କମ୍ପାନି ପକ୍ଷରୁ ୪୯ଟି ୧୧ କେଭି ଫିଡର୍ ଓ ୩୫ଟି ଡବଲ୍ ପୋଲ୍ ଢାଞ୍ଚାରେ ବଡ଼ ଧରଣର ବିଦ୍ୟୁତ ନେଟ୍‌ୱର୍କ ସୁଦୃଢ଼ୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ମୋଟ୍ ୮୭ ଅଳ୍ପ ଉଚ୍ଚତାର ଖୁଣ୍ଟକୁ ବଦଳା ଯାଇଥିବା ବେଳେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅଞ୍ଚଳରେ ଆବାସିକ ସ୍ଥଳ ଓ ଜନ ସାଧାରଣଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି କାଣ୍ଟିଲିଭର୍ ବ୍ୟବସ୍ଥା କରାଯାଇଛି। ସେହିଭଳି ଓଡିଏସ୍ଏସ୍‌ପି ସ୍କିମ୍‌ରେ ଆୟତନ ଓ ରାଜକନିକା ଅଞ୍ଚଳରେ ଆବାସିକ ଓ କୃଷି ଉପଭୋକ୍ତାଙ୍କ ବର୍ଦ୍ଧିତ ଚାହିଦା ପୂରଣ କରିବା ଲାଗି ଦୁଇଟି ୩୩/୧୧ କେଭି ସବ୍‌ଷ୍ଟେସନକୁ କାର୍ଯ୍ୟକ୍ଷମ କରାଯାଇଛି। ସେହିପରି କମ୍ପାନୀ ପକ୍ଷରୁ କେନ୍ଦ୍ରାପଡ଼ା ଡିଭିଜନର ବିଭିନ୍ନ ସ୍ଥାନରେ ୩୬ଟି ନୂଆ ୧୧ କେଭି ଲାଇନ୍ ଏବି ସ୍ୱିଚ୍ ସ୍ଥାପନ କରାଯାଇଛି।

### ଗ୍ରାମାଞ୍ଚଳରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ବ୍ୟାଙ୍କ ସେବା

**ଭୁବନେଶ୍ୱର,୧୩।୧୧:** ଆର୍ଥିକ ଅନ୍ତର୍ଭୁକ୍ତିରେ ଯୋଗଦାନ ପାଇଁ ଏୟାରଟେଲ୍ ପେମେଣ୍ଟ୍‌ସ ବ୍ୟାଙ୍କ ଓଡିଶାରେ ଏହାର ଗ୍ରାମାଞ୍ଚଳ ଉପସ୍ଥିତିକୁ ବିସ୍ତାର କରୁଛି। ୪୯୦୦ରୁ ଅଧିକ ସୁଦୂର ଗ୍ରାମଗୁଡିକ ଏବେ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ନେବରହୁଡ୍ ବ୍ୟାଙ୍କିଙ୍ଗ୍ ପଏଣ୍ଟଗୁଡିକ ମାଧ୍ୟମରେ ଆର୍ଥିକ ସେବା ପାଇବା ପାଇଁ ସକ୍ଷମ ହେଉଛନ୍ତି। ଏଭଳି ବ୍ୟାଙ୍କିଙ୍ଗ ପଏଣ୍ଟ ମାଧ୍ୟମରେ ଗ୍ରାହକମାନେ ଆଧାର ସମର୍ଥିତ ପେମେଣ୍ଟ ଇନ ଓ ସରକାରୀ ପେନ୍‌ସନ ଯୋଜନା ଭଳି ଏକାଧିକ ଆର୍ଥିକ ସେବାର ପହଞ୍ଚ ହାସଲ କରିପାରିବେ ବୋଲି ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ଚିଫ୍ ଅପରେଟିଙ୍ଗ୍ ଅଫିସର, ଗଣେଶ ଅନନ୍ତନାରାୟଣନ୍ କହିଛନ୍ତି।

# ମାରୁତି ସୁଜୁକିର ଅଲ୍ ନ୍ୟୁ ସେଲେରିଓ ଉନ୍ମୋଚିତ



କଟକ ଭାଣପୁରସ୍ଥିତ ସ୍କାଏ ଅଟୋ ମୋବାଇଲ୍‌ର ସିଇଓ ଅବିନାଶ ସିଙ୍ଗାନିଆ ଓ ଅନ୍ୟମାନେ।



ଭୁବନେଶ୍ୱର ରସୁଲଗଡ଼ସ୍ଥିତ ନାରାୟଣୀ ମୋଟର୍ସର ସିଇଓ ପ୍ରଣୟ ବୁଦ୍ଧିରାଜ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୩।୧୧**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ସେଲେରିଓ' ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ 'ନାରାୟଣୀ ମୋର୍ଟସ' ପକ୍ଷରୁ ଶନିବାର ଉକ୍ତ ମଡେଲକୁ ଶୋ'ରୁମ୍ ପରିସରରେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ନାରାୟଣୀ ମୋଟର୍ସର ସିଇଓ ପ୍ରଣୟ ବୁଦ୍ଧିରାଜ, ଆଇସିଆଇସିଆଇ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଅବିନାଶ ମହାନ୍ତି ଏବଂ ଶୋ'ରୁମ୍‌ର ଶାଖା ପରିଚାଳକ କୌଶିକ ଓଝା ପ୍ରମୁଖ ଉପସ୍ଥିତ ରହିଥିଲେ।

ଅପରପକ୍ଷରେ କଟକସ୍ଥିତ ଭାଣପୁର ସ୍କାଏ ଅଟୋମୋବାଇଲ ପରିସରରେ ମଧ୍ୟ ଏହି ନୂତନ ମଡେଲର ଶୁଭ ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ସ୍କାଏ ଅଟୋମୋବାଇଲର ସିଇଓ ଅବିନାଶ ସିଙ୍ଗାନିଆ, ଏସ୍‌ବିଆଇର ଏଜିଏମ୍ ଭବାନୀ ଶଙ୍କର ମହାନ୍ତି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମ୍ୟାନେଜର ସତ୍ୟଶିଷ ମହାନ୍ତିଙ୍କ ସମେତ ସ୍କାଏ ଅଟୋମୋବାଇଲର ଜିଏମ୍ ସୁରେଶ ସୋନି, ସଞ୍ଜୟ ଗୁପ୍ତା ଏବଂ ସେଲ୍‌ସ ମ୍ୟାନେଜର ଜଗନ୍ନାଥ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ଏହି ମଡେଲ ସବୁ ବର୍ଗଙ୍କ ପସନ୍ଦ ହେବ ବୋଲି ଏମ୍ଏସ୍ଆଇଏଲ୍‌ର ଏମ୍‌ଡି ତଥା ସିଇଓ କେନିଚି ଆୟୁକାୱା ମତବ୍ୟକ୍ତ କରିଛନ୍ତି। ସେହିଭଳି କୋଭିଡ୍ ପରଠାରୁ ବଡ଼ ଗାଡ଼ି ଅପେକ୍ଷା ଛୋଟ ଗାଡ଼ିର ଚାହିଦା ବଢ଼ିଛି। ଫଳରେ ଏହି ସମୟ ମଧ୍ୟରେ ୪୬% ଛୋଟ ଯାତ୍ରୀବାହୀ ଗାଡ଼ି ବିକ୍ରି ହୋଇଛି ବୋଲି ସେ କହିଛନ୍ତି। ସେହିପରି ପ୍ରତି ଲିଟର ପେଟ୍ରୋଲରେ ୨୬.୬୮ କି.ମି. ମାଇଲେଜ ସହ ନେକଷ୍ଟ-ଜେନ କେ ସିରିଜର ଡୁଆଲ ଜେଟ ଏବଂ ଡୁଆଲ ଭିଭିଟି ଇଞ୍ଜିନ ଭଳି ଅନେକ ସୁବିଧା ରହିଛି। ଅପରପକ୍ଷରେ ୨ଟି ସମ୍ମୁଖ ଭାଗ ବେଲୁନ ସାଙ୍ଗକୁ ଏକ ବଡ଼ ଡିସ୍‌ପ୍ଲେ ବୋର୍ଡ ଓ ୬ଟି ପ୍ରମୁଖ ରଙ୍ଗରେ ଏହା ବଜାରକୁ ଆସିଛି। ଏହି ମେଡଲର ସମସ୍ତ ଭାରିଆଣ୍ଟର ଏକ୍ସ ଶୋ'ରୁମ୍ ମୂଲ୍ୟ ୫ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ହେଲ୍‌ଥଭିଲେରେ ଦକ୍ଷତା ବିକାଶ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର,୧୩।୧୧**

ପୂର୍ବ ଭାରତର ସର୍ବୋତ୍ତମ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଭାବେ ରାଷ୍ଟ୍ରୀୟସ୍ତରରେ ପୁରସ୍କୃତ ହୋଇଥିବା ଭୁବନେଶ୍ୱରର ଭାଲୁଙ୍କାସ୍ଥିତ ହେଲ୍‌ଥଭିଲେ ପରିସରରେ ଗୁରୁବାର ଏକ ପ୍ରାକୃତିକ ଚିକିତ୍ସା ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଏବଂ ଓମ୍ଫାଡକର ମିଳିତ ପୃଷ୍ଠପୋଷକତା ତଥା ହେଲ୍‌ଥଭିଲେର ସହଯୋଗରେ ଏହାର ପରିକଳ୍ପନା କରାଯାଇଛି। ଏହାର ପ୍ରତିଷ୍ଠାତା ଡକ୍ଟର ସତ୍ୟବ୍ରତ ମୀନକେତନ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓମ୍ଫାଡକର ଜେନେରାଲ ମ୍ୟାନେଜର (ଅପରେଶନ) ଜୟନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ, ଜେନେରାଲ ମ୍ୟାନେଜର (ପ୍ରଶାସନ) ସୁଧାକର ବୁର୍ଗୀ, ଜେନେରାଲ ମ୍ୟାନଜେର ଡ. ଚିତ୍ତରଞ୍ଜନ ଦାଶ , ଜିତେନ୍ଦ୍ର ମହାନ୍ତି (କମ୍ପାନୀ ସେକ୍ରେଟାରି), ଅମ୍ବୁଜ ପ୍ରସାଦ (ଟିମ୍ ଲିଡର) ତଥା ହେଲ୍‌ଥଭିଲେର ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ସ୍ୱାଇଁ, ଡ. ପରମାନନ୍ଦ ମହାନ୍ତ, ଡ. ସୌମେନ୍ଦ୍ର ମହାପାତ୍ର (ଏମ୍.ଡି.କାୟା ଚିକିତ୍ସା) ପ୍ରମୁଖ ଉପସ୍ଥିତ ଥିଲେ।


ହେଲ୍‌ଥ୍ ଭିଲେ ପରିସରରେ ଅତିଥିମାନଙ୍କ ସହ ଡକ୍ଟର ମୀନକେତନ (ମଝି)।

# ସବୁଜ ଶକ୍ତି କ୍ଷେତ୍ରରେ କାମ କରିବ ଆଇଓସିଏଲ୍-ଏନ୍‌ଟିପିସି

**ଭୁବନେଶ୍ୱର,୧୩।୧୧**

ସବୁଜ ଶକ୍ତି କ୍ଷେତ୍ରରେ ରହିଥିବା ସୁଯୋଗ କ୍ଷେତ୍ରରେ ମିଳିତ ହୋଇ କାମ କରିବାକୁ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ ଏବଂ ଏନ୍‌ଟିପିସି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲ ଅଧ୍ୟକ୍ଷ ଏମ୍.ଏସ୍.ବୈଦ୍ୟ, ଏନ୍‌ଟିପିସି ଅଧ୍ୟକ୍ଷ ଗୁରୁଦୀପ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨ ରାଷ୍ଟ୍ରାୟତ୍ତ କମ୍ପାନୀ ମଧ୍ୟରେ ପ୍ରଥମ ଥର ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସକୁ କମାଇବା ଲାଗି ଭାରତ ସରକାର ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ସରକାରଙ୍କ ଏଭଳି ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ୨ ରାଷ୍ଟ୍ରାୟତ୍ତ କମ୍ପାନୀ ଆଗେଇ ଆସିଛନ୍ତି। ନୂଆ ପ୍ରକଳ୍ପ ଦ୍ୱାରା ଗ୍ରୀନ ଏନର୍ଜି କ୍ଷେତ୍ରରେ ରହିଥିବା ସୁଯୋଗ ଉପରେ କାର୍ଯ୍ୟକ୍ରମ ଜାରି କରାଯିବ ବୋଲି ଇଣ୍ଡିଆନ ଅଏଲ ଅଧ୍ୟକ୍ଷ ଏମ୍.ଏସ୍.ବୈଦ୍ୟ କହିଛନ୍ତି। ସବୁଜ ଶକ୍ତି କ୍ଷେତ୍ରରେ ୨୦୩୨ ସୁଦ୍ଧା ୬୦ ଗିଗାୱାଟ କ୍ଷମତା ଲକ୍ଷ୍ୟ ଦିଗରେ ବର୍ତ୍ତମାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏନ୍‌ଟିପିସି ସିଏମ୍‌ଡି ଗୁରଦୀପ ସିଂ କହିଛନ୍ତି।

## ଇଣ୍ଡିଆନ୍ ବ୍ୟାଙ୍କର ନୂତନ କ୍ଷେତ୍ର ମହାପ୍ରବନ୍ଧକ

**ଭୁବନେଶ୍ୱର,୧୩।୧୧**

ଇଣ୍ଡିଆନ୍ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ନୂତନ କ୍ଷେତ୍ର ମହାପ୍ରବନ୍ଧକ ଭାବେ ମନୋଜ କୁମାର ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଚେନ୍ନାଇ କର୍ପୋରେଟ୍ ଅଫିସ୍‌ରେ ମହାପ୍ରବନ୍ଧକ (ସିଏଲ୍ଓ) ରୂପେ କାର୍ଯ୍ୟ କରୁଥିଲେ। ୧୯୯୩ ମସିହାରେ ବ୍ୟାଙ୍କରେ ପିଓ ଭାବେ ଯୋଗଦେଇଥିଲେ।

# ନୂଆ ଧାରାରେ ସେବା ଯୋଗାଇବ 'ଇଣ୍ଡଲଜ୍'

**ଭୁବନେଶ୍ୱର,୧୩।୧୧**

ବର୍ତ୍ତମାନର ଯୁବପିଢ଼ିଙ୍କ ଚାହିଦାକୁ ଆଖି ଆଗରେ ରଖି ଏକ ନୂଆ ଧାରାରେ ସ୍ଥାନୀୟ ଶହୀଦନଗରଠାରେ 'ଇଣ୍ଡଲଜ୍' ବ୍ରାଇଡାଲ୍ ମଲ୍‌ର ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲିଉଡ୍ ଅଭିନେତା ଆଫ୍‌ତାବ ସିବଦଶାନୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଠାରେ ଉଭୟ ବର ଓ କନ୍ୟା ଏବଂ ସେମାନଙ୍କର ପରିବାର ଲୋକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ବିବାହ କାର୍ଯ୍ୟକ୍ରମର ସମସ୍ତ ସେବା ପ୍ରଦାନ କରିବ ବୋଲି ଏହାର ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରନ୍‌ୱେ ଶୋ, ବ୍ରାଇଡାଲ୍ ପୋଷାକ, ଅଳଙ୍କାର ଓ ସୌନ୍ଦର୍ଯ୍ୟ ଉପକରଣମାନ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଲିଉଡ୍ ନାୟିକା ଶୀତଲ, ଦେବଯାନୀ ପ୍ରମୁଖ ଉପସ୍ଥିତ ଥିଲେ।

ଜନ୍ମଦିନର ଶୁଭେଚ୍ଛା


ଅନୁଭା ସାହୁ
ସାହାପୁର, ଗେଡ଼ମା, କେନ୍ଦୁଝର
ଆଜି ତୋର ଅଷ୍ଟମ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୁମକୁ ସୁସ୍ଥ, ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାଆ, ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଇଁ, ଉଜ୍ଜ୍ୱଳ, ହର୍ଷିତା, ଅଭିଜିତ୍, ହାପି, ବାପି, ଦେବସ୍ମିତା, ରୁଦ୍ର ଓ ସମସ୍ତ ପରିବାରବର୍ଗ।
ଧ-୨୨୨୪୯

# ଅସନ୍ତୁଳିତ ଜୀବନଶୈଳୀ ଓ ଡାଇବେଟିସ୍



ଏବେ ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ଡାଇବେଟିସ ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନି ଏପରି କି ଦୃଷ୍ଟି ଶକ୍ତି ଉପରେ ପଡିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା

**'ବିଶ୍ୱ ଡାଇବେଟିସ୍ ଦିବସ'**

ଦିଆଯାଇଛି। ଅବଶ୍ୟ ଏହାକୁ ଡାକି ଆଣିବାରେ ଅସନ୍ତୁଳିତ ଜୀବନଶୈଳୀ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ଜରୁରୀ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଉଛି। ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଦରକାର। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେବେ ଏହି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ଡାଇବେଟିସ୍ ଦିବସ' ଭାବେ ପାଳନ କରାଯାଇଆସୁଛି।




### ଏ ବର୍ଷର ସ୍ଲୋଗାନ୍...

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଚଳିତ ବର୍ଷ ମଧ୍ୟ 'ବିଶ୍ୱ ଡାଇବେଟିସ୍ ଦିବସ' ପାଳନ କରାଯାଉଛି। ଡାଇବେଟିସ୍‌କୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏହାର ମୂଳ ଲକ୍ଷ୍ୟ। ଚଳିତ ବର୍ଷ ଏହି ଅବସରରେ ସ୍ଲୋଗାନ୍ ରହିଛି "ଆସେସ୍ ଟୁ ଡାଇବେଟିସ୍ କେୟାର୍;ଇଫ୍ ନଟ୍ ନାଓ,ହ୍ୱେନ୍।"ଯେଉଁମାନେ ଡାଇବେଟିସ୍‌ରେ ପୀଡ଼ିତ ସେମାନଙ୍କର ଉପଯୁକ୍ତ ଯତ୍ନ ନେବା ଜରୁରୀ। ନ ହେଲେ ହୁଏତ ସେମାନେ ଡାଇବେଟିସ୍ କାରଣରୁ ଅନ୍ୟ ରୋଗ ଦ୍ୱାରା ମଧ୍ୟ ଆକ୍ରାନ୍ତ ହୋଇପାରନ୍ତି। ପ୍ରାଥମିକ ସ୍ତରରୁ ଯଦି ଏହାର ପ୍ରତିକାର ବ୍ୟବସ୍ଥା ନ କରାଯାଏ, ତେବେ ଭବିଷ୍ୟତରେ ଏହା ଅଧିକ କ୍ଷତି କରିବାର ଆଶଙ୍କା ସୃଷ୍ଟି କରିବ। ତେଣୁ ଏ ଦିଗରେ ସତର୍କ ହେବାକୁ ପଡ଼ିବ।

## ଇନ୍‌ସୁଲିନ୍ ରେଜିଷ୍ଟାନ୍ସ

ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି । ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ତାହା ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହାଯାଇଥାଏ। ତାହାଛଡ଼ା ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଲାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରି ଶରୀରରେ ପୃଥଳତାକୁ ହ୍ରାସ କରିଦେଲେ ଡାଇବେଟିସ୍ ରୋଗୀଙ୍କ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା କମି ସ୍ୱାଭାବିକ ସ୍ତରକୁ ଆସିଯିବା ସୁଗମ ହୋଇଥାଏ।

## ଇତିହାସରେ ଡାଇବେଟିସ୍ ଦିବସ

ମଧୁମେହ ବା ଡାଇବେଟିସ୍ ସମ୍ପର୍କରେ ସଚେତନ କରିବା ପାଇଁ ପ୍ରତିବର୍ଷ ୧୪ ନଭେମ୍ବରରେ ବିଶ୍ୱ ଡାଇବେଟିସ୍ ଦିବସ ପାଳନ କରାଯାଉଛି। ଆନ୍ତର୍ଜାତିକ ଡାଇବେଟିସ୍ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୯୧ରେ ପ୍ରଥମେ ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୦୬ରେ ଜାତିସଂଘର ସାଧାରଣ ପରିଷଦରେ ଏହି ଦିବସ ପାଳନ ଲାଗି ସ୍ଥିର ହୋଇଥିଲା। ୧୪ ନଭେମ୍ବରରେ ଏହି ଦିବସ ପାଳନ କରାଯିବାର ଏକ ବିଶେଷତ୍ୱ ରହିଛି। ୧୯୯୨ରେ ଚାର୍ଲ୍ସ ବେଷ୍ଟଙ୍କ ସହ ମିଶି ଫେଡ୍‌ରିକ୍ସ ବାଣ୍ଟିଙ୍ଗ୍ ଡାଇବେଟିସ୍ ନିୟନ୍ତ୍ରଣ ଲାଗି ଇନ୍‌ସୁଲିନ୍ ଆବିଷ୍କାର କରିଥିଲେ। ତେଣୁ ଏହାକୁ ମନେ ରଖିବା ପାଇଁ ବାଣ୍ଟିଙ୍ଗଙ୍କ ଜନ୍ମଦିନ (୧୪ ନଭେମ୍ବର)କୁ ବିଶ୍ୱ ଡାଇବେଟିସ୍ ଦିବସ ଭାବେ ପାଳନ କରାଯାଉଛି।

୧୬ତମ ଜନ୍ମଦିନ ଶୁଭେଚ୍ଛା

ଶୁଭମ୍ ଦାସ (ସୋମ୍)
ଶ୍ରୀରାମ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆଜି ତୋର "୧୬ତମ" ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଜୟ ମାତାଦୀ
ଧ-୭୦୯୮

CLASSIFIED DISPLAY
MORE SPACE • SAME PRICE
TARIFF GST 5%



| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ ଦେବୀ ତ୍ରିପାଠୀ
ବି.ଜେ.ବି. ନଗର, ଭୁବନେଶ୍ୱର
ଆବିର୍ଭାବ : ୧୧.୦୬.୧୯୫୫
ତିରୋଧାନ: ୧୪.୧୧.୨୦୨୦
ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୨୨୫୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
(୨୬ ବର୍ଷ ଶ୍ରାଦ୍ଧବାର୍ଷିକୀ)

୰ବନଲତା ଦେବୀ
ଆବିର୍ଭାବ : ୦୮/୧୧/୧୯୨୬
ତିରୋଧାନ : ୦୩/୧୧/୧୯୯୫
"କେହି ରହିନାହିଁ, ରହିବ ନାହିଁଟି, ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ।"
ବନ ନାନୀ,
ତୁ ଚାଲିଯିବାର ୨୬ ବର୍ଷ ହୋଇ ଗଲାଣି । ଏହା ଭିତରେ କେତେ ଆଉ ପାରିକୁ ଗଲେଣି ଓ କେତେ ଆମ ପରିବାରରେ ଜନ୍ମ ଗ୍ରହଣ କଲେଣି । କିନ୍ତୁ ତୋର ଅନାବିଳ ସ୍ନେହ, ମମତା, ଶ୍ରଦ୍ଧା ଆଜି ପର୍ଯ୍ୟନ୍ତ ମୋ ହୃଦୟରେ ବିରାଜମାନ କରୁଛି ଓ କରୁଥିବ। ତୋର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମୋର ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଦେବୀ ପ୍ରସାଦ ମହାପାତ୍ର
ଧ-୬୯୯୯୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ

୰ ବଙ୍କିମ୍ ଚନ୍ଦ୍ର ମହାନ୍ତି
ଗୁରୁଜଙ୍ଗ, ଖୋର୍ଦ୍ଧା
ତିରୋଧାନ : ୨୫.୧୧.୨୦୨୦
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ କର୍ତ୍ତବ୍ୟ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ତୁମର ଏହି ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ, ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୨୨୫୪

# ଫିଲ୍ମ ପାଇଁ ପାଗଳ ପରିଣୀତି

**ମୁମ୍ବାଇ:** ଫିଲ୍ମ ଶୁଟିଂ ପାଇଁ କେତେ ଦୁର୍ବଳତା ରହିଛି ତାହା ପୁଣି ପ୍ରମାଣ କରିଛନ୍ତି ଅଭିନେତ୍ରୀ ପରିଣୀତି ଚୋପ୍ରା। ଅପ୍‌କମିଂ ଫିଲ୍ମ 'ଉଞ୍ଚାଇ'ର ଶୁଟିଂ ପାଇଁ ସେ ଏବେ କାରଗିଲ୍ ଯାଇଥିଲେ। ସେଠାରେ ବିୟୁକ୍ତ ୧୨ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଆକ୍ଟିଂ କରିଛନ୍ତି। ଭୀଷଣ ଥଣ୍ଡାରେ ଶୁଟିଂ କରୁଥିବା ନେଇ ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସେ ଶୀତ ପୋଷାକ ପିନ୍ଧି ନିଆଁ ଜଳାଇ ତା' ପାଖରେ ବସିଥିବାର ଏକ ଫଟୋ ମଧ୍ୟ ଶେୟାର କରିଛନ୍ତି । ଏଥିରେ ସେ ଲେଖିଛନ୍ତି, ପରଦାରେ ଆପଣ ଏକ ଖରାଦିନିଆ ଫିଲ୍ମ ଦେଖିବେ। କିନ୍ତୁ ବାସ୍ତବରେ ତାହା ବିୟୁକ୍ତ ୧୨ ଡିଗ୍ରୀରେ ଶୁଟିଂ ହେଉଛି । ଫିଲ୍ମ ପ୍ରତି ଭଲପାଇବା ପାଇଁ ଏ ସବୁ କିଛି। ଏହି ଫଟୋରେ ତାଙ୍କ ପ୍ରଶଂସକ ଓ ଫିଲ୍ମ କଳାକାରମାନେ କାମ ପାଇଁ ତାଙ୍କ ଆଗ୍ରହକୁ ପ୍ରଶଂସା କରିଛନ୍ତି। ପୂର୍ବରୁ ପରିଣୀତି ନେପାଳରେ 'ଉଞ୍ଚାଇ'ର ଶୁଟିଂ ବେଳର ଫଟୋ ମଧ୍ୟ ଅପ୍‌ଲୋଡ କରିଥିଲେ। ବରଫ ପାହାଡ଼ ପାଖରେ ସେ ପୋଜ ଦେଇଥିଲେ। ତାଙ୍କ ସହିତ ଅଭିନେତା ଅନୁପମ ଖେର ଏବଂ ବୋମାନ ଇରାନୀ ମଧ୍ୟ ଯାଇଥିଲେ। ସୂରଜ ବଡ଼ଜାତ୍ୟାଙ୍କ ଫିଲ୍ମ 'ଉଞ୍ଚାଇ'ର ବାବଦରେ ପରିଣିତି ସୋସିଆଲ ମିଡିଆ ଜରିଆରେ ଫ୍ୟାନଙ୍କ ଅପଡେଟ୍ ଦେଉଛନ୍ତି। ଏଥିରେ ଅମିତାଭ ବଚ୍ଚନ, ଅନୁପମ ଖେର, ବୋମାନ ଇରାନି, ନୀନା ଗୁପ୍ତା, ଡାନି ଡେନେଜୋଙ୍ଗପା ଓ ସାରିକା ମଧ୍ୟ ନଜର ଆସିବେ। ସୂରଜ ବଡ଼ଜାତ୍ୟାଙ୍କ ଫିଲ୍ମର ଅଂଶ ହୋଇ ସେ ନିଜକୁ ଭାଗ୍ୟଶାଳୀ ବୋଲି କହିଥିଲେ। ଏହା ବ୍ୟତୀତ ପରିଣୀତିଙ୍କ ହାତରେ ଫିଲ୍ମ 'ଆନିମଲ' ରହିଛି। ଏଥିରେ ସେ ପ୍ରଥମ ଥର ରଣବୀର କପୁରଙ୍କ ସହ ଲିଡ ରୋଲରେ ନଜର ଆସିବେ। ଅନିଲ କପୁର ମଧ୍ୟ ଏଥିରେ ଅଭିନୟ କରିବେ। ଏହାକୁ ନେଇ ପରିଣୀତି ଖୁବ ଉତ୍ସାହିତ ଅଛନ୍ତି।




କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟ୍ରୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ନଭେମ୍ବର ୧୪/୨୦୨୧ Dhenkanal, Sunday, November 14/ 2021

**ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍**

# ମହାରାଷ୍ଟ୍ର ଚାମ୍ପିୟନ, ତାମିଲନାଡୁ ରନର୍ସଅପ୍


କୃତୀ ପ୍ରତିଯୋଗୀମାନଙ୍କ ସହ ଅତିଥିବୃନ୍ଦ।

**ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ୩ ଦିନ ଧରି ଚାଲିଥିବା ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମଥର ପାଇଁ ଯୋଗାସନକୁ ନେଇ ଏଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମହାରାଷ୍ଟ୍ର ଓଭରଅଲ ଚାମ୍ପିୟନ ହୋଇଥିବା ବେଳେ ତାମିଲନାଡୁ ରନର୍ସଅପ୍ ହୋଇଛି। ସେହିପରି ୱେଷ୍ଟବେଙ୍ଗଲ ଓ ଗୋଆ ମିଳିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜାତୀୟ ଯୋଗାସନ କ୍ରୀଡ଼ା ଫେଡେରେଶନ (ଏନ୍‌ୱାଇଏସ୍‌ଏଫ୍) ଓ ଓଡ଼ିଶା କ୍ରୀଡ଼ା ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଏହି ଚାମ୍ପିୟନଶିପର ଉଦ୍‌ଯାପନୀ ଉତ୍ସବରେ ହକି କିମ୍ବଦନ୍ତୀ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ୱାଇଏସ୍‌ଏଫ୍ ଅଧ୍ୟକ୍ଷ ଉଦିତ ସେଠ, ସାଧାରଣ ସମ୍ପାଦକ ଜୟଦୀପ ଆର୍ଯ୍ୟ, ଯୋଗାସନ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ସୁଧାଂଶୁ ଅଧିକାରୀ, କିଟ୍ ବିଶ୍ୱବିଦ୍ୟାଳୟର ଉମଙ୍ଗ ଦାଓ୍ୱନ, ଡ, ସସ୍ମିତା ସାମନ୍ତ, ଟ୍ରାନ୍ସଷ୍ଟାଡିଆର ନୀତୀନ ବେରି ଓ ଏନ୍‌ୱାଇଏସ୍‌ଏଫ୍‌ର ସଞ୍ଜୟ ମାଲପାନି ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ୫୦ଟି ପଦକ ପ୍ରଦାନ କରାଯାଇଥିଲା। ସବ୍‌ଜୁନିୟର ଓ ଜୁନିୟର ଟିମ୍ ଚାମ୍ପିୟନଶିପ୍‌ର ବିଜେତାଙ୍କୁ ଏହି ଅବସରରେ ଟ୍ରଫି ପ୍ରଦାନ କରାଯାଇଥିଲା। ସବ୍‌ଜୁନିୟର ବାଳିକା ବିଭାଗରେ ମହାରାଷ୍ଟ୍ରର ତୃପ୍ତି ଡୋଙ୍ଗ୍ରୀ ପ୍ରଥମ, ସବ୍‌ଜୁନିୟର ବାଳକ ବର୍ଗରେ ନିବୋଧ ପାଟିଲ ପ୍ରଥମ, ଜୁନିୟର ବାଳିକାରେ ମହାରାଷ୍ଟ୍ରର ସ୍ୱରା ଗୁଜର ପ୍ରଥମ ଓ ଜୁନିୟର ବାଳକ ବର୍ଗ ପ୍ରତିଯୋଗିତାରେ ମହାରାଷ୍ଟ୍ରର ଜୟ କାଲେକର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ଦେଶର ୩୦ଟି ଜିଲାରୁ ୫୬୦ ଜଣ ପ୍ରତିଭାସମ୍ପନ୍ନ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୋଗାସନ ଏବେ କ୍ରୀଡ଼ାର ମାନ୍ୟତା ହାସଲ କରିବାକୁ ଯାଉଛି ଓ ଦିନେ ଅଲିମ୍ପିକ୍ସରେ ଏହା ସ୍ଥାନ ପାଇବ ବୋଲି ଦିଲୀପ କହିଛନ୍ତି।

## ହାସିମୋଟୋଙ୍କୁ ଆମେଚର ଏସିଆ ପ୍ୟାସିଫିକ୍ ଟାଇଟଲ



**ଆବୁଧାବି, ୧୩।୧୧ (ଏପି):** ଜାପାନର ସ୍ୱଳ୍ପ ବୟସ୍କା ମିଜୁକି ହାସିମୋଟୋ ୬୮ ଫାଇନାଲ ରାଉଣ୍ଡ ଶଟ୍ ସହ ମହିଳା ଆମେଚର ଏସିଆ-ପ୍ୟାସିଫିକ୍ ୨୦୨୧ ଗଲ୍‌ଫ ଟୁର୍ନାମେଣ୍ଟ ଜିତିଛନ୍ତି। ଆବୁଧାବି ଗଲ୍ଫ କ୍ଲବଠାରେ ଏହି ୧୯ ବର୍ଷୀୟା ଖେଳାଳି ୧୭-ଅଣ୍ଡରରେ ଅନ୍ୟ ୩ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସମ୍ମାନ ଜନକ ଟାଇଟଲ ହାସଲ କରିଛନ୍ତି। ଏଠାରେ ବିଜୟ ଦ୍ୱାରା ହାସିମୋଟୋ ଆସନ୍ତା ବର୍ଷର ଦୁଇଟି ପ୍ରମୁଖ ମହିଳା ଟୁର୍ନାମେଣ୍ଟ ଏଆଇଜି ଓମେନ୍ସ ଓପନ୍ ଏବଂ ଆମୁଣ୍ଡି ଏଭିଆନ୍ ଚାମ୍ପିୟନଶିପ୍ ସହ ଅଗଷ୍ଟା ନ୍ୟାଶନାଲ ଓମେନ୍ସ ଆମେଚରରେ ଭାଗ ନେବା ଲାଗି ଆମନ୍ତ୍ରଣ ପାଇବେ। ଅନ୍ୟପକ୍ଷରେ ଏଠାରେ ୧୫-ଅଣ୍ଡର ସହ ଥାଇଲାଣ୍ଡର କାନ୍ ବୁନାବୋଦି ଓ ନାଥାକ୍ରିତା ଏବଂ ଅଷ୍ଟ୍ରେଲିଆର କେଲ୍‌ସି ବେନେଟ୍ ମିଳିତ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ ହକି କ୍ୟାମ୍ପରେ ଯୋଗ ଦେବେ ଅଲିମ୍ପିକ ପଦକ ବିଜେତା

**ନୂଆଦିଲ୍ଲୀ, ୧୩।୧୧:** ଆସନ୍ତା ମାସରେ ଢାକାରେ ହିରୋ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ପ୍ରସ୍ତୁତ ପାଇଁ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ହକି ଖେଳାଳିମାନେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଜାତୀୟ ପ୍ରଶିକ୍ଷଣ ଶିବିରରେ ରବିବାରଠାରୁ ଯୋଗ ଦେବେ। ଏଥିରେ ଅଧିନାୟକ ମନପ୍ରୀତ ସିଂ ଓ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ ମଧ୍ୟ ଯୋଗଦେବେ। ନଭେମ୍ବର ୧୦ ତାରିଖରୁ ଜାତୀୟ କ୍ୟାମ୍ପ ଆରମ୍ଭ ହୋଇଛି।

ରବିବାର କ୍ୟାମ୍ପରେ ଯୋଗ ଦେବାକୁ ଥିବା ଅନ୍ୟ ଖେଳାଳିମାନେ ହେଲେ ହରମନପ୍ରୀତ ସିଂ, ଦିଲପ୍ରୀତ ସିଂ, ଅମିତ ରୋହିଦାସ, ସୁରେନ୍ଦର କୁମାର, ନୀଳକାନ୍ତ ଶର୍ମା, ସୁମିତ, ହାର୍ଦ୍ଦିକ ସିଂ, ସିମରନଜିତ ସିଂ, ଗୁରଜନ୍ତ ସିଂ, ମନଦୀପ ସିଂ, ଶମସେର ସିଂ, ଲଳିତ କୁମାର ଉପାଧ୍ୟାୟ ଓ ବରୁଣ କୁମାର। ଏହି ଖେଳାଳିମାନେ ସମସ୍ତେ ଅର୍ଜୁନ ପୁରସ୍କାର ପାଇଁ ଶନିବାର ଦିଲ୍ଲୀରେ ରହିଛନ୍ତି। ଜୁନିୟର ବିଶ୍ୱକପ୍ ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୫ରେ ଶେଷ ହେବ। ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ୟାମ୍ପରେ ଏହି ୩୦ ଜଣିଆ ପ୍ରୋବାବଲ ଗ୍ରୁପ୍ ଯୋଗ ଦେବ। ଏହି କୋର୍ ଗ୍ରୁପ୍‌ରେ ଆକାଶଦୀପ ସିଂ, ଗୁରିନ୍ଦର ସିଂ, ଜରମନପ୍ରୀତ ସିଂ, କ୍ରିଶନ ବି. ପାଠକ, ସୁରଜ କରକେରା, ଜସକରନ ସିଂ, ନିଲମ ସଞ୍ଜୀପ ଖେସ, ରାଜ କୁମାର ପଲ, ଗୁରସାହିବଜିତ ସିଂ, ଦୀପସାନ ତିର୍କୀ, ଶିଳାନନ୍ଦ ଲାକ୍ରା, ମନଦୀପ ମୋର, ଆଶିଷ କୁମାର ଟପ୍ପୋ ଓ ସୁମନ ବେକ୍ ମଧ୍ୟ ଯୋଗ ଦେବେ।

ଏସିଆନ ଚାମ୍ପିୟନ୍ସ ଟ୍ରଫି ଡିସେମ୍ବର ୧୪ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ।

DSPL - 248

### ଶିଶୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା



ଶିଶୁ ଦିବସ ଅବସରରେ ପିଲାମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଶିଶୁ ହେଉଛି ଅନନ୍ତ ସମ୍ଭାବନାର ପ୍ରତୀକ । ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି ଏବଂ ଉପଯୁକ୍ତ ଯତ୍ନ ହେଉଛି ତା'ର ଅଧିକାର । ସେହିପରି ସେମାନଙ୍କ ଦକ୍ଷତା ଓ ପ୍ରତିଭାର ସର୍ବୋତ୍ତମ ବିକାଶ ପାଇଁ ସମାଜ ବିଶେଷ ଯତ୍ନବାନ ହେବା ଆବଶ୍ୟକ । ପିଲାମାନେ ଯେପରି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବେ ଓ ନିଜ ନିଜ ପସନ୍ଦର କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା ଦରକାର ।

ସୁସ୍ଥ ଓ ସଚେତନ ଶିଶୁ ହିଁ ଏକ ସମୃଦ୍ଧ ଜାତିର ସର୍ବଶ୍ରେଷ୍ଠ ପରିଚୟ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ଶିଶୁ ଦିବସ ଅବସରରେ ବାର୍ତ୍ତା



ପବିତ୍ର ଶିଶୁ ଦିବସ-୨୦୨୧ ଅବସରରେ ପିଲାମାନଙ୍କୁ ମୋର ଶ୍ରଦ୍ଧା ଏବଂ ଶୁଭେଚ୍ଛା । ଶିଶୁ ହସିଲେ ଦୁନିଆ ହସେ । ଶିଶୁ ସୁଲଭ ଚପଳତା ଓ ଚଞ୍ଚଳତାର ନମନୀୟ ଆବରଣ ମଧ୍ୟରେ ଆବଦ୍ଧ ଥିବା ସାହସିକତା, ସହନଶୀଳତା ତଥା ସୃଜନଶୀଳତାର ଉନ୍ମେଷ ଏବଂ ସମୟୋପଯୋଗୀ ବୟସାନୁପାତିକ କ୍ରମ-ବିକାଶ ନିମିତ୍ତ ଆମେ ସମସ୍ତେ ପ୍ରତିବଦ୍ଧ । ଆମ ସଭିଙ୍କର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ଦିଗ୍‌ଦର୍ଶନ ହେତୁ ଆଧୁନିକ ସମାଜର ପରିବର୍ତ୍ତନ ଓ ବିବର୍ତ୍ତନର ଆବଶ୍ୟକତାକୁ ସଠିକ ଆକଳନ ଓ ଉପଲବ୍ଧି ଉପରାନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ "ମୋ ସ୍କୁଲ ଅଭିଯାନ", ବିଦ୍ୟାଳୟ ରୂପାନ୍ତରୀକରଣ (5T School Transformation) ଆଦି ଅଭିନବ ଯୋଜନାମାନ କାର୍ଯ୍ୟକାରୀ କରାଯାଇଛି ଶୈକ୍ଷିକ ପରିବେଶ ଏବଂ ପରିବେଷ୍ଟନୀକୁ ଅଧିକ ମାର୍ଜିତ, ଶାଣିତ ଏବଂ କ୍ରିୟାଶୀଳ କରିବା ପାଇଁ । କରୋନା ମହାମାରୀ ସମୟରେ ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଆମ୍ଭମାନଙ୍କର ପ୍ରାଥମିକତା ପାଲଟି ଯାଇଥିବା ସ୍ଥଳେ ନିର୍ବିଘ୍ନ ଓ ନିରଙ୍କୁଶ ଶିକ୍ଷାଦାନର ସୁବନ୍ଦୋବସ୍ତ କରାଯାଇଛି ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ସଭିଏଁ (ଅଭିଭାବକ, ଶିକ୍ଷକ ଏବଂ ସରକାର) ସହଯୋଗିତା ଏବଂ ସହଭାଗିତାର ସୂକ୍ଷ୍ମ ଚିନ୍ତାଧାରାରେ ନିଜକୁ ଅଭିମନ୍ତ୍ରିତ କରି ଚପଳମତି ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ହେବା ସଂକଳ୍ପବଦ୍ଧ- "ଏହା ହିଁ ହେଉ ପବିତ୍ର ଶିଶୁ ଦିବସର ଅନୁଚିନ୍ତା" ।

(ସମୀର ରଞ୍ଜନ ଦାଶ)
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-27001/13/0002/2122




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**TUSHI MOTORS**
CUTTACK: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. BALASORE: 9798190190.
BHADRAK: 9798190190. BARIPADA: 9798190190. UDALA: 7064499950.
RAIRANGPUR: 9853446906. JALESWAR: 7064499950.

**NARAYANI MOTORS**
BHUBANESHWAR: 9583022019,9583022012, 9583022013. JAGATSINGHPUR: 9583022090.
PURI: 9583022035. NIMAPARA: 7381093626.
PARADEEP: 9583022034/48.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005. NARSHINGPUR: 9776900005.
KAMAKHYANAGAR: 9776900005. JAJPUR: 9776900777.
SALEPUR: 9583544555. CHANDIKHOL: 9583544555.

**ODYSSEY MOTORS**
ANGUL: 7752076136.
9776901481. PALLAHARA:
7873565435. 9437831123.

*Accessories and features shown in the pictures may not be part of the standard equipment and may vary according to the variant. Images are for illustration purpose only. Colors shown may vary from actual body colors due to printing on paper. Terms and conditions apply. ^Claim supported by independent research agency-JATO Dynamics Limited and is applicable in the petrol category. **As certified by Test Agency Under Rule 115 (G) of CMVR 1989.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ନଭେମ୍ବର ୧୪/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Sunday, November 14/2021 




# ଘାତକ ହେଉଛି ସହରାଞ୍ଚଳ ପ୍ରଦୂଷଣ

## ୭ ସହର ପାଇଁ କ୍ଲିନ୍ ଏୟାର ଆକ୍ସନ ପ୍ଲାନ୍

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)



ବଡ଼ ବଡ ସହରରେ ନିଃଶ୍ୱାସପ୍ରଶ୍ୱାସ ନେବା ପ୍ରାଣଘାତକ ହେଲାଣି। ସହରାଞ୍ଚଳରେ ବିଶୁଦ୍ଧ ବାୟୁ ଟିକେ ପାଇବା କଷ୍ଟକର ହୋଇ ପଡ଼ିଲାଣି। ହୁ ହୁ ହୋଇ ମାଡ଼ି ଚାଲିଥିବା ମୋଟରଯାନ ସଂଖ୍ୟା ବୃଦ୍ଧି ସାଙ୍ଗକୁ ସବୁଜ ବଳୟ ନଷ୍ଟ ହେବାରେ ଲାଗିଥିବାରୁ ଯୋଗୁ ଶ୍ୱାସ ରୁନ୍ଧିଦେଲା ଭଳି ପରିସ୍ଥିତି ସୃଷ୍ଟି କଲାଣି। ରାଜଧାନୀ ଦିଲ୍ଲୀରେ ଅତ୍ୟଧିକ ବାୟୁ ପ୍ରଦୂଷଣ ସମଗ୍ର ଦେଶର ଚିନ୍ତା ବଢ଼ାଇ ଦେଇଛି । ପ୍ରଦୂଷଣ ମାତ୍ରା ଏତେ ବଢ଼ିଯାଇଛି ଯେ କେବଳ ଦିଲ୍ଲୀ ନୁହେଁ, ଦେଶର ୧୩୨ଟି ସହର ପ୍ରଦୂଷଣ ବିଷାକ୍ତ ବଳୟ ମଧ୍ୟକୁ ଚାଲିଯାଇଛି। ଓଡ଼ିଶାର ସହର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଯାନବାହନ, ଶିଳ୍ପାଞ୍ଚଳ, କଠିନ ବର୍ଜ୍ୟବସ୍ତୁ ପୋଡ଼ିବା ଯୋଗୁ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ଭୁବନେଶ୍ୱର ସମେତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର, ରାଉରକେଲା ଏବଂ କଳିଙ୍ଗ ନଗର ଆଦି ୭ଟି ସହର ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଛନ୍ତି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ ପକ୍ଷରୁ କରାଯାଇଥିବା ସର୍ଭେରୁ ଏଭଳି ତଥ୍ୟ ପଦାକୁ ଆସିଛି। ସମଗ୍ର ଦେଶରେ ସହରାଞ୍ଚଳର ପରିବେଶକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାରୁ ଗୋଟିଏ ପରେ ଗୋଟିଏ ସହର ପ୍ରଦୂଷଣ ବଳୟ ଭିତରକୁ ଚାଲିଯାଉଛି। ସାଧାରଣତଃ ବାୟୁରେ ୧୦ ମାଇକ୍ରନରୁ କମ୍ ଧୂଳିକଣା ଓ ପ୍ରଦୂଷିତ ଦ୍ରବ୍ୟ ସୀମିତ ରହିବା କଥା। ମାତ୍ର ଏହି ସହରାଞ୍ଚଳରେ ଏହାଠାରୁ ଯଥେଷ୍ଟ ଅଧିକ ରହିଛି। ମିଳିଥିବା ସୂଚନାନୁଯାୟୀ ଭୁବନେଶ୍ୱରରେ ବାୟୁ ପ୍ରଦୂଷଣ ହାର ୩୬ ପ୍ରତିଶତ ଅଧିକ ଥିବାବେଳେ ଅନୁଗୋଳ ୨୮, କଟକ ୨୭, ରାଉରକେଲା ୪୧ ଏବଂ ତାଳଚେରରେ ୪୫ ପ୍ରତିଶତ ରହିଛି । ଉକ୍ତ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଏନ୍‌ଜିଟି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକ ପ୍ରଦୂଷିତ ସହରଗୁଡ଼ିକର ପ୍ରଦୂଷଣ ହ୍ରାସ କରିବା ପାଇଁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରାମର୍ଶ ଦେଇଥିଲା। ଉକ୍ତ ସହରାଞ୍ଚଳଗୁଡ଼ିକର ବାୟୁ ପ୍ରଦୂଷଣ ମାତ୍ରା କିପରି ହ୍ରାସ କରାଯାଇପାରିବ ସେ ନେଇ ରାଜ୍ୟ ସରକାର ଏକ ସମନ୍ୱିତ ସ୍ୱଚ୍ଛ ବାୟୁ ଆକ୍ସନ ପ୍ଲାନ (କମ୍ପ୍ରିହେନସିଭ କ୍ଲିନ୍ ଏୟାର ଆକ୍ସନ ପ୍ଲାନ) ପ୍ରସ୍ତୁତ କରିଛନ୍ତି। ଏଥିରେ ରାଜ୍ୟ ପରିବହନ ବିଭାଗ, ଶିଳ୍ପ, କୃଷି, ଖଣି ଓ ଇସ୍ପାତ, ଗୃହନିର୍ମାଣ ଓ ନଗର ଉନ୍ନୟନ ଭଳି ଅନ୍ୟାନ୍ୟ ବିଭାଗକୁ ସାମିଲ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ତୁଲାଇବ। ସିପିସିବି ଦ୍ୱାରା ଏହାକୁ ଅନୁମୋଦନ କରାଯାଇଛି। ପ୍ରଦୂଷିତ ବାୟୁମଣ୍ଡଳକୁ ସାମାନ୍ୟ ସ୍ତରକୁ ଆଣିବା ପାଇଁ ଶିଳ୍ପାଞ୍ଚଳ ଓ ଯାନବାହନଜନିତ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ସହରାଞ୍ଚଳ ନିକଟରେ ଥିବା ଅତି ପ୍ରଦୂଷିତ ଶିଳ୍ପାନୁଷ୍ଠାନଗୁଡ଼ିକୁ ସ୍ଥାନାନ୍ତର କରିବା, ସର୍ବସାଧାରଣ ପରିବହନ ସେବାରେ ସଂସ୍କାର ☞ପୃଷ୍ଠା-୬

# ପ୍ରମୋଦ ପାଇଲେ ଖେଳରତ୍ନ ସମ୍ମାନ

ଭୁବନେଶ୍ୱର,୧୩।୧୧



ରାଜ୍ୟର ପ୍ରଥମ ଖେଳାଳି ଭାବେ ପାରା ଆଥ୍‌ଲେଟ ପ୍ରମୋଦ ଭଗତ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଛନ୍ତି। ଟୋକିଓ ପାରାଲିମ୍ପିକ୍ସର ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତି ଦେଶ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଥିଲେ। ଓଡ଼ିଶାର ପ୍ରଥମ କ୍ରୀଡ଼ାବିତ୍ ଭାବେ ସେ ଖେଳରତ୍ନ ପୁରସ୍କାର ପାଇଥିବାରୁ ଏହା ରାଜ୍ୟ ପାଇଁ ଏକ ବିଶେଷ ଉପଲବ୍ଧି ଭାବେ ପରିଗଣିତ ହେଉଛି। ପୁରସ୍କାର ବାବଦରେ ପ୍ରମୋଦଙ୍କୁ ନଗଦ ୨୫ ଲକ୍ଷ ଟଙ୍କା ଓ ଏକ ପଦକ ସମେତ ମାନପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ୨୦୧୯ରେ ପ୍ରମୋଦଙ୍କୁ ଅର୍ଜୁନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

ଶନିବାର ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ

## ଅମିତ, ବୀରେନ୍ଦ୍ରଙ୍କୁ ଅର୍ଜୁନ ପୁରସ୍କାର

ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରମୋଦଙ୍କ ସମେତ ୧୨ ଜଣ କ୍ରୀଡ଼ାବିତ୍‌ଙ୍କୁ ଖେଳରତ୍ନ ଓ ଓଡ଼ିଆ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ସମେତ ୩୫ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଟୋକିଓ ଅଲିମ୍ପିକ୍ସ ଜାଭେଲିନ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ନୀରଜ ଚୋପ୍ରା ମୁଖ୍ୟ ଆକର୍ଷଣ ଥିଲେ। ☞ପୃଷ୍ଠା-୬

# 'ବିଏସ୍‌କେୱାଇ ସ୍ୱାସ୍ଥ୍ୟକ୍ଷେତ୍ରରେ ମାଇଲଖୁଣ୍ଟ'



ବିଜେପୁରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବିତରଣ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ବରଗଡ଼ ଅଫିସ୍,୧୩।୧୧

ଚିକିତ୍ସା ପାଇଁ ଟଙ୍କା ବାଧକ ସାଜିଥିଲା। ଏଥିପାଇଁ କେହି ଜମି ବିକୁଥିବାବେଳେ ଆଉ କିଏ ଋଣ କରୁଥିଲେ। ଏଭଳିସ୍ଥଳେ ପିଲାଙ୍କ ପାଠପଢ଼ା ମଧ୍ୟ ବାଧାପ୍ରାପ୍ତ ହେଉଥିଲା। ଏହାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ମାର୍ଟ କାର୍ଡ଼ ବଣ୍ଟନ କରୁଛନ୍ତି ଏବଂ ସାରା ଦେଶରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ ହୋଇଛି। ଶନିବାର ବରଗଡ଼ ଜିଲା ଗସ୍ତ କରି ବିଜେପୁରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବିତରଣ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ବରଗଡ଼ ମାଟି ସବୁକ୍ଷେତ୍ରରେ ଗୌରବ ବୃଦ୍ଧି କରିଛି। ଏହି ମାଟିର କବି ଗଙ୍ଗାଧର ମେହେରଙ୍କ କୃତୀ ଭାଷା ସାହିତ୍ୟର ଗୌରବ ବର୍ଦ୍ଧନ କରିଛି। ବରଗଡ଼ର ସମ୍ବଲପୁରୀ ଶାଢ଼ୀ ବିଦେଶରେ ରାଜ୍ୟ ପାଇଁ ସୁନାମ ଆଣିଛି। ଏହି ମାଟିର ଚାଷୀ ରାଜ୍ୟ ତଥା ଦେଶବାସୀଙ୍କୁ ଆହାର ଯୋଗାଉ ଥିବାବେଳେ କ୍ରୀଡ଼ା କ୍ଷେତ୍ରରେ ଅତାବିରାର ପ୍ରମୋଦ ଭଗତ ଦେଶ ପାଇଁ ନୂଆ ଖ୍ୟାତି ଆଣିଛନ୍ତି। ଏହି ଜିଲାର ବିକାଶକୁ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ପାଇଁ ୨୯୫ କୋଟି ୯ଲକ୍ଷ ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦ୍‌ଘାଟନ କରିଥିଲେ। ଏହା ସହିତ ବିଜେପୁର ନିର୍ବାଚନ ମଣ୍ଡଳୀର ୭୧ଟି ସ୍ମାର୍ଟ ହାଇସ୍କୁଲ ରୂପାନ୍ତରଣ ପରେ ☞ପୃଷ୍ଠା-୬

# ଆମାଜନ ପକ୍ଷୀଙ୍କ ଆକାର କମୁଛି

*୪ ଦଶନ୍ଧି ଧରି ଜଳବାୟୁରେ ବିପଜ୍ଜନକ ପରିବର୍ତ୍ତନର ପ୍ରଭାବ ମଣିଷ ହାତପାଆନ୍ତରୁ ବହୁ ଦୂର ଓ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ପଶୁପକ୍ଷୀଙ୍କ ଉପରେ ମଧ୍ୟ ପଡ଼ିଛି। ଉଷ୍ମ ଏବଂ ଶୁଷ୍କ ବାତାବରଣ ଯୋଗୁ ଆମାଜନ ଜଙ୍ଗଲ ପକ୍ଷୀଙ୍କ ଓଜନ କମୁଥିବାବେଳେ ଡେଣା ବଢୁଛି। ୧୯୮୦ରୁ ପ୍ରତି ଦଶନ୍ଧିରେ ଅଧିକାଂଶ ପ୍ରଜାତିର ପକ୍ଷୀଙ୍କ ଓଜନ ପ୍ରାୟ ୨ ପ୍ରତିଶତ ହ୍ରାସ ହୋଇଛି। ପରିବର୍ତ୍ତିତ ଜଳବାୟୁ ସହ ଖାପ ଖୁଆଇବା ନିମନ୍ତେ ଏଭଳି ବିବର୍ତ୍ତନ ହୋଇଥାଇପାରେ ବୋଲି ଅନୁସନ୍ଧାନକାରୀ ମତ ରଖିଛନ୍ତି।*

ୱାଶିଂଟନ୍, ୧୩।୧୧



## ଜଳବାୟୁ ପରିବର୍ତ୍ତନ ପ୍ରଭାବ

ଜଳବାୟୁ ପରିବର୍ତ୍ତନର ଘାତକ ପରିଣତି ବିଶ୍ୱବାସୀ ଭୋଗୁଥିବାବେଳେ ଲୋକଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପଠାରୁ ଦୂରରେ ଘଞ୍ଚଅରଣ୍ୟ ମଧ୍ୟରେ ବନ୍ୟପ୍ରାଣୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ଜର୍ନାଲ ସାଇନ୍ସରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଅନୁସାରେ, ୪୦ ବର୍ଷ ଧରି କ୍ରମାଗତ ଜଳବାୟୁ ପରିବର୍ତ୍ତନ ଯୋଗୁ ଆମାଜନ ଜଙ୍ଗଲର ପକ୍ଷୀଙ୍କ ଶରୀରର ଓଜନ କମିବାରେ ଲାଗିଛି। ଏଥିସହ ସେମାନଙ୍କ ଡେଣା ଆକାର ବଢୁଛି। ବିଶେଷକରି ଜୁନ୍‌ରୁ ନଭେମ୍ବର ମଧ୍ୟରେ ଶୁଷ୍କ ପାଣିପାଗରେ ପୋଷଣ ଏବଂ ଆବଶ୍ୟକ ପଡୁଥିବା ଶାରୀରିକ ପରିବର୍ତ୍ତନ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ପକ୍ଷୀଗୁଡ଼ିକ ପ୍ରଭାବିତ ହେଉଛନ୍ତି। ମଣିଷର ପ୍ରତ୍ୟକ୍ଷ ହସ୍ତକ୍ଷେପଠାରୁ ଦୂରରେ ଥିବା ଆମାଜନ ରେନ୍‌ଫରେଷ୍ଟ ଭଳି ସ୍ଥାନରେ ମଧ୍ୟ ଜୀବଜନ୍ତୁ ସୁରକ୍ଷିତ ନ ଥିବା ଆଶ୍ଚର୍ଯ୍ୟକର ବୋଲି ରିସର୍ଚ୍ଚରେ ଭାଗ ନେଇଥିବା ପରିବେଶବିତ୍ ତଥା ଲେଖକ ଭିଟେକ୍ ଜିରିନେକ୍ କହିଛନ୍ତି।

ଜିରିନେକ୍ ଏବଂ ସହକର୍ମୀମାନେ ପ୍ରାୟ ୭୭ ପ୍ରଜାତିର ୧୫ ହଜାରରୁ ଅଧିକ ପକ୍ଷୀମାନଙ୍କ ଉପରେ ସଂଗୃହୀତ ତଥ୍ୟ ବିଶ୍ଳେଷଣ କରିଥିଲେ। ଏଥିରେ ଗତ ୪୦ ବର୍ଷ ମଧ୍ୟରେ ଆମାଜନ ପକ୍ଷୀଙ୍କ ଶାରୀରିକ ପରିବର୍ତ୍ତନ ତଥା ସେମାନଙ୍କ ଆକାର, ଓଜନ ଏବଂ ଅନ୍ୟାନ୍ୟ ଦିଗକୁ ଗବେଷଣାରେ ସାମିଲ କରାଯାଇଥିଲା। ୧୯୮୦ ମସିହା ପରଠାରୁ ପ୍ରାୟ ସବୁ ପ୍ରଜାତିର ପକ୍ଷୀଙ୍କ ଓଜନ କମିଥିବା ସେମାନେ ଜାଣିବାକୁ ପାଇଛନ୍ତି। ପ୍ରତି ଦଶନ୍ଧିରେ ଅଧିକାଂଶ ପ୍ରଜାତିଙ୍କ ଓଜନ ହାରାହାରି ୨ ପ୍ରତିଶତ ହ୍ରାସ ପାଇଛି। ୧୯୮୦ରେ ଯେଉଁ ପକ୍ଷୀ ୩୦ ଗ୍ରାମ୍ ଥିଲା ତାହା ଏବେ ପ୍ରାୟ ୨୭.୬ ଗ୍ରାମକୁ କମିଥିବା ରିପୋର୍ଟରେ ଜଣାପଡ଼ିଛି। ଅଧିକ ଉଚ୍ଚକୁ ଉଡ଼ିପାରୁଥିବା ଏବଂ ଅଧିକ ଗରମ ସହ୍ୟ କରିପାରୁଥିବା ପକ୍ଷୀଙ୍କ କ୍ଷେତ୍ରରେ ସର୍ବାଧିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଯଥେଷ୍ଟ ପରିମାଣର ଫଳମୂଳ ତଥା କୀଟପତଙ୍ଗଙ୍କ ଅଭାବରୁ ଏବଂ ସେମାନଙ୍କ ଶରୀର ଖାପଖୁଆଇ ପାରୁଥିବାଠାରୁ ଅଧିକ ☞ପୃଷ୍ଠା-୬



# ୱିଣ୍ଟର ଫିଟ୍‌ନେସ୍

**ଶୀତଦିନ ଯୁବପିଢ଼ିଙ୍କ ଲାଗି ବହୁ ପ୍ରତୀକ୍ଷିତ। କେହି କେହି ଏଦିନେ ଭଳିକି ଭଳି ୱିଣ୍ଟର ଆଉଟ୍‌ଫିଟ୍ ବ୍ୟବହାର କରି ନିଜକୁ ଫ୍ୟାଶନେବଲ୍ ଲୁକ୍ ଦେବାକୁ ତ ଆଉ କେହି ବୁଲାବୁଲି ଏବଂ ପିକ୍‌ନିକ୍‌କୁ ନେଇ ବେଶ୍ ଉତ୍କଣ୍ଠିତ। ହେଲେ ଏଦିନେ ହଠାତ୍ ପାଣିପାଗ ପରିବର୍ତ୍ତନ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜେ। ଏମିତିରେ କେତେକ ଦିଗ ପ୍ରତି ସଜାଗ ରହିଲେ ନିଜକୁ ଫିଟ୍ ରଖି ୱିଣ୍ଟରର ଭରପୂର ମଜା ନେବା ହୋଇଯାଏ ସହଜ...**



ଧୀରେ ଧୀରେ ଅନୁଭୂତ ହେଲାଣି ଶୀତ। ପାଣିପାଗ ପରିବର୍ତ୍ତନର ପ୍ରଭାବରୁ ବିଶେଷ କରି ଦୁଇ ଦିନ ହେବ ଲାଗି ରହିଥିବା ଲଘୁଚାପଜନିତ ବର୍ଷା ଯୋଗୁ ଅନେକଙ୍କ ଠାରେ ଦେଖାଯାଉଛି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ଏମିତିରେ ଶୀତଦିନେ ଫିଟ୍ ରହିବା ଲାଗି କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...





**ବର୍ଷାରେ ରୁହନ୍ତୁ ସତର୍କ:** ଶୀତରେ ହଠାତ୍ ଲଘୁଚାପ ଜନିତ ବର୍ଷା ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ବର୍ତ୍ତମାନ ଚାଲିଥିବା ଅଦିନିଆ ବର୍ଷାରେ ନା କେବଳ ଶୀତ ବୃଦ୍ଧି ହୋଇଛି ଅବା ପାଣି କାଦୁଅରେ ବାହାରକୁ ବାହାରିବାରେ ଅସୁବିଧା ସୃଷ୍ଟି କରୁଛି ବରଂ ଥଣ୍ଡା ସାଙ୍ଗକୁ ବର୍ଷାପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଅଧିକାଂଶଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇଛି। ତେଣୁ ଅତି ଆବଶ୍ୟକ ହେଲେ ବାହାରକୁ ବାହାରନ୍ତୁ ଏବଂ ବର୍ଷାପାଣି ଓ ଶୀତରୁ ରକ୍ଷା ପାଇବା ଲାଗି ମୁଣ୍ଡ, ଦେହକୁ ଭଲଭାବେ ଘୋଡାଇ ରଖନ୍ତୁ। ଯଦି ବର୍ଷାରେ ଭିଜିଯାଆନ୍ତି, ତେବେ ତୁରନ୍ତ ଭଲ ଭାବେ ପୋଛି ହୋଇ ଶୁଖିଲା ପୋଷାକ ପିନ୍ଧନ୍ତୁ, ନଚେତ୍ ଦେହରେ ଅଧିକ ସମୟ ଓଦା ପୋଷାକ ରହିବା ଯୋଗୁ ଚର୍ମରୋଗ ବିଶେଷକରି ଫଙ୍ଗାଲ ଇନ୍‌ଫେକ୍ସନ ଦେଖାଦେଇଥାଏ। ଏହାକୁ ଦୂର କରିବା ଲାଗି ପ୍ରତିଦିନ ରାତିରେ ଉଷୁମ ସୋରିଷ ତେଲ ପାଦରେ ମସାଜ୍ କରନ୍ତୁ।

**ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ:** ଶୀତଦିନେ ଗରମରୁ ଥଣ୍ଡା କିମ୍ବା ଲଘୁଚାପ, ହଠାତ୍ ଝଡ଼ତୋଫାନ ଆଦି ଯୋଗୁ ହେଉଥିବା ପାଣିପାଗ ପରିବର୍ତ୍ତନ ହେତୁ ଅଧିକାଂଶଙ୍କ ଠାରେ ସିଜନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ଏଥିଯୋଗୁ ହେଉଥିବା ଥଣ୍ଡା, ଜ୍ୱର, କାଶ ଆଦି ଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ତେଲ ମସଲାଯୁକ୍ତ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏଦିନେ ସହଜରେ ହଜମ ହୁଏ ନାହିଁ। ତେଣୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ।



**ପ୍ରଚୁର ପାଣି ପିଅନ୍ତୁ:** ଶୀତଦିନେ ଅନେକଙ୍କ ଠାରେ ଜଳୀୟାଂଶ କମିଯାଇ ଶରୀର ଅଧିକ ଶୁଷ୍କ ହେବା, ଚର୍ମ ପାଉଁଶିଆ ଦେଖାଯିବା, ଗୋଡ଼, ହାତ, ଓଠ ଆଦି ଫାଟିବା, କୁଣ୍ଡାଇହେବା ଭଳି ସମସ୍ୟା ଦେଖାଯାଏ। ହେଲେ ଏଦିନେ ବର୍ଷାରେ ଏହି ସମସ୍ୟା ଅଧିକ ବଢ଼ିଯାଏ। ଏହାର ମୁଖ୍ୟ କାରଣ ହେଉଛି ବାୟୁମଣ୍ଡଳ ଅଧିକ ଶୁଷ୍କ ଥିବାରୁ ଧୂଳିକଣା ଆକାରରେ ଥିବା କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ସଲ୍‌ଫର ମ୍ୟାଗ୍ନେଟିଆଜିମ୍, ଭାଇରସ୍, ବ୍ୟାକ୍ଟେରିଆ ଭଳି ବିଷାକ୍ତ ପଦାର୍ଥ ରହିଥାଏ, ଯାହାକି ବର୍ଷା ଆକାରରେ ତ୍ୱଚା ସଂସ୍ପର୍ଶରେ ଆସିବା ଦ୍ୱାରା କୁଣ୍ଡାଇହେବା, ଫଳିଯିବା, ସ୍କିନ୍ ଆଲର୍ଜି, ଫଙ୍ଗାଲ୍ ଇନ୍‌ଫେକ୍ସନ ଭଳି ଚର୍ମରୋଗ କରାଇଥାଏ। ଏସବୁ ଦୂର କରିବା ଲାଗି ପ୍ରଚୁର ପରିମାଣର ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

**ଶୀତବସ୍ତ୍ର ପିନ୍ଧନ୍ତୁ:** ଶୀତଦିନେ ବାହାରକୁ ଯାଉଥିଲେ ଦେହରେ ଥଣ୍ଡା ପବନ ବାଜି ଫ୍ଲୁ, ଜ୍ୱର, କାଶ ଆଦି ସମସ୍ୟା ବଢ଼ିଥାଏ। ଏପରି ନ ହେବା ଲାଗି ଫୁଲ୍ ଜୋତା ସାଙ୍ଗକୁ ଶୀତବସ୍ତ୍ର ବ୍ୟବହାର କରନ୍ତୁ। କାନକୁ ସର୍ବଦା ଘୋଡ଼ାଇ ରଖନ୍ତୁ। ଆବଶ୍ୟକ ସ୍ଥଳେ ଗ୍ଲୋଭ୍ସ ଏବଂ ସକ୍ସ ପିନ୍ଧିବାକୁ ଭୁଲନ୍ତୁ ନାହିଁ।

**ତ୍ୱଚାର ଯତ୍ନ ନିଅନ୍ତୁ:** ଶୀତଦିନେ ଅଧିକାଂଶଙ୍କର ତ୍ୱଚା ଶୁଷ୍କ ହୋଇଯାଏ। ତ୍ୱଚାକୁ ମଶ୍ଚରାଇଜ୍ ରଖିବା ଲାଗି ଗାଧୋଇବା ବେଳେ ତେଲ କିମ୍ବା ବଡିଲୋଶନ ଲଗାନ୍ତୁ। ଓଠ ନ ଫାଟିବା ଲାଗି ଭେସ୍‌ଲିନ୍, ଗୁଆଘିଅ କିମ୍ବା ବାମ୍ ଲଗାନ୍ତୁ। କେଶ ଶୁଷ୍କ ହେବା, ରୁପି ହେବା ଏଦିନେ ଏକ ବଡ଼ ସମସ୍ୟା। ଏହା ବ୍ୟତୀତ କେଶମୂଳେ ନିୟମିତ ସମୟ ଅନ୍ତରାଳରେ ତେଲ ମସାଜ୍ କରନ୍ତୁ। ଭିଟାମିନ୍ ବି-୬, ଏ, ସି, ଇ ସହିତ ଜିଙ୍କ୍, ପୋଟାସିଅମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ଥିବା ଖାଦ୍ୟ ବିଶେଷକରି କଦଳୀ, ସେଓ, ଅମୃତଭଣ୍ଡା ଭଳି ଫଳ ଖାଆନ୍ତୁ।

**ଯୋଗ, ବ୍ୟାୟାମ କରନ୍ତୁ:** ଶୀତଦିନେ ଅନେକେ ଥଣ୍ଡାରେ ଅଳସୁଆମି କରି ଏକ୍ସରସାଇଜ୍ କରନ୍ତି ନାହିଁ। ହେଲେ ଫିଟ୍ ରହିବା ଲାଗି ଏହା ଜରୁରୀ। ଯଦି ଥଣ୍ଡା, କୁହୁଡିରେ ପାର୍କ କିମ୍ବା ବାହାର ଖୋଲା ଯାଗାରେ ଏକ୍ସରସାଇଜ୍ ନ କରୁଛନ୍ତି, ତେବେ ଘର ଭିତରେ ବିଭିନ୍ନ ଯୋଗ, ବ୍ୟାୟାମ କରି ନିଜକୁ ଫିଟ୍ ରଖନ୍ତୁ।

-ପୌର୍ଣ୍ଣମାସୀ

## କ'ଣ କୁହନ୍ତି ଏମାନେ...

**ଜସ୍ମିନ୍ ପଣ୍ଡା** (ବରମୁଣ୍ଡା, ଭୁବନେଶ୍ୱର)- ସବୁ ଋତୁଭିତରେ ଶୀତଋତୁ ବହୁତ ଭଲ ଲାଗେ। କାରଣ, ଏହିଦିନେ ପରିବାରର ସଦସ୍ୟ ଏବଂ ସାଙ୍ଗମାନଙ୍କ ସହ ମିଶି ବୁଲିବାକୁ ଯାଏ। ହଁ, ଗଲାବେଳେ କିନ୍ତୁ ସାଙ୍ଗରେ ଜ୍ୟାକେଟ୍, ମଫ୍‌ଲର୍ ଆଉ ଗ୍ଲୋଭ୍‌ସ ନେବାକୁ ଭୁଲି ନଥାଏ। ଏଦିନେ ସ୍କିନ୍ ଡ୍ରାଏ ନ ହେବା ଲାଗି ପ୍ରଚୁର ପରିମାଣରେ ପାଣି ପିଏ। ଓଠ ଓ ଗୋଇଠି ନ ଫାଟିବା ଲାଗି ଭେସ୍‌ଲିନ୍ ଓ କ୍ରିମ୍ ଲଗାଇଥାଏ। ଶୀତରେ ବାହାରେ ମର୍ନିଂୱାକ୍ କରିବାକୁ ଟିକେ କଷ୍ଟ ହେଉଥିବାରୁ, ନିଜକୁ ଫିଟ୍ ରଖିବା ପାଇଁ ଘରେ ରହି ଇନ୍‌ଡୋର ଏକ୍ସରସାଇଜ୍ ଓ ପ୍ରାଣାୟମ କରିଥାଏ।



ଜସ୍ମିନ୍

**ଦେବପ୍ରସାଦ ଜେନା** (ସାକ୍ଷୀଗୋପାଳ, ପୁରୀ)- ଶୀତଦିନେ ସକାଳୁ ଉଠି କଲେଜ ଯିବାକୁ କଷ୍ଟ ଲାଗେ। ଶୋଇବାକୁ ଇଚ୍ଛା ଥିଲେ ମଧ୍ୟ ନ ଶୋଇ ସକାଳ ସୂର୍ଯ୍ୟକିରଣରେ କିଛି ସମୟ ଚାଲେ। ଅଧିକ ଥଣ୍ଡା ଲାଗିଲେ କିମ୍ବା ଗାଡ଼ି ଚଲାଇବା ବେଳେ ଶୀତ ପୋଷାକ ପିନ୍ଧିବାକୁ ଆଦୌ ଭୁଲେ ନାହିଁ। ଏଦିନେ କୁହୁଡ଼ି ପାଇଁ ଗାଡ଼ି ଧୀରେ ଧୀରେ ଚଲାଇବା ସହ ବେଶି ରାତି ହେବା ପୂର୍ବରୁ ଘରକୁ ଫେର ଆସେ।



ଦେବୀପ୍ରସାଦ

**ପ୍ରିୟଙ୍କା ପାଣିଗ୍ରାହୀ** (ପିଜି ଛାତ୍ରୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର)- ଶୀତ ଋତୁରେ ଆରମ୍ଭରୁ ସମ୍ବଲପୁରରେ ପ୍ରବଳ ଶୀତ ପଡ଼ିଲାଣି। ସେଥିପାଇଁ କଲେଜ ଯିବା ବେଳେ ଜ୍ୟାକେଟ, ସ୍କାର୍ଫ, ଗ୍ଲୋଭ୍ସ ଓ ମାସ୍କ ପିନ୍ଧିବାକୁ ପଡୁଛି। ଏହାସହ ତ୍ୱଚା ଡ୍ରାଏ ନ ହେବା ଲାଗି ମଶ୍ଚରାଇଜର, ଲୋଶନ ଇତ୍ୟାଦି ବ୍ୟବହାର କରୁଛି। ଗାଧୋଇବା ସମୟରେ ହଷ୍ଟେଲରେ ପାଣି ଗରମ କରି ଗାଧୋଇବାକୁ ପଡୁଛି। ଶୀତଦିନେ କୋରନା ବଢ଼ିବାରେ ଲାଗିଛି ତେଣୁ ଥଣ୍ଡା, ଜ୍ୱର ନ ହେବା ପାଇଁ ଶରୀରର ଯତ୍ନ ନେଉଛି।



ପ୍ରିୟଙ୍କା

## ଜାଣନ୍ତୁ ଦୁନିଆ

# ଅଜବ ୱାଟରଫଲ୍

**ୱାଟରଫଲ୍ ତ ଅନେକ ରହିଛି, ହେଲେ ଏଭଳି କିଛି ଅଜବ ୱାଟର୍‌ଫଲ୍ ପୃଥିବୀରେ ଅଛି, ଯାହାକୁ ଦେଖିଲେ ଆପଣ ଆଶ୍ଚର୍ଯ୍ୟ ନ ହୋଇ ରହିପାରିବେ ନାହିଁ। କେତେକ ବିଶେଷତ୍ୱ ଏସବୁକୁ ଅନ୍ୟଠାରୁ ଅଲଗା କରିପାରିଛି। ତେବେ ଜାଣନ୍ତୁ ଏଭଳି କିଛି ଅଜବ ୱାଟର୍‌ଫଲ୍ ସମ୍ପର୍କରେ...**



**ହାଭାସୁ ୱାଟରଫଲ୍, ଆରିଜୋନା**

ଆମେରିକାର ଆରିଜୋନାରେ ଥିବା ଗ୍ରାଣ୍ଡକ୍ୟାନିଅନ୍‌ରେ ରହିଛି ଏହି ଜଳପ୍ରପାତ। ମାତ୍ର ୩୭ ମିଟର ଲମ୍ବା ଏହି ଜଳପ୍ରପାତ, ଜଳର ପରିମାଣକୁ ନେଇ ଯେତିକି ଚର୍ଚ୍ଚିତ ଏହାର ପର୍ଯ୍ୟାବରଣକୁ ନେଇ ସେତିକି ପ୍ରସିଦ୍ଧ। ଏହି ଜଳର ରଙ୍ଗ ବ୍ଲୁ ଏବଂ ଗ୍ରିନ୍ କଲର ହୋଇଥିବା ବେଳେ ଏହାର ଚତୁଃପାର୍ଶ୍ୱ ରେଡ୍ କଲର ପଥରରେ ଆଚ୍ଛାଦିତ। ଏହି ଜଳରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଓ ମ୍ୟାଗ୍ନେସିୟମ୍ ପ୍ରଚୁର ପରିମାଣରେ ରହିଛି। ବର୍ଷ ସାରା ଏହି ପାଣିର ତାପମାତ୍ରା ପ୍ରାୟ ୭୦° ଫାରେନାଇଟ୍ ରହିଥାଏ।

**ବାତାରା ଜର୍ଜ ୱାଟରଫଲ୍, ଲେବାନନ୍**

୧୯୫୨ ମସିହାରେ ଫ୍ରେଞ୍ଚ ବାୟୋ-ସ୍ପେଲିଓଲୋଜିଷ୍ଟ ହେନେରି କୋଇଫେଟ୍‌ଙ୍କ ଦ୍ୱାରା ଲିବାନନ୍ ପାହାଡ଼ ଉପରେ ଆବିଷ୍କୃତ ହୋଇଥିଲା। ୮୩୭ ଫୁଟ୍ ବିଶିଷ୍ଟ ଏହି ଜଳପ୍ରପାତଟି ପାହାଡ଼ ଉପରୁ ପାଣି ତିନୋଟି ବ୍ରିଜ୍ ଦେଇ ତଳକୁ ଖସି ଏକ ଗୁମ୍ଫାରେ ପଡିଥାଏ, ଯାହାକି 'କେଭ୍ ଅଫ୍ ଦି ଥ୍ରି ବ୍ରିଜେସ୍' ନାମରେ ନାମିତ। ଏହା ଜୁରାସିକ୍ ଲାଇମ୍‌ଷ୍ଟୋନ୍‌ରେ ପ୍ରାକୃତିକ ଭାବେ ସୃଷ୍ଟି ହୋଇଛି। ବର୍ଷସାରା ଏଠାରେ ବରଫ ଆଚ୍ଛାଦିତ ହୋଇ ରହୁଥିବା ବେଳେ ମାର୍ଚ୍ଚ ଏବଂ ଅପ୍ରେଲ ମାସରେ ଏଠାରେ ଥିବା ବରଫ ତରଳିଥାଏ।

**ଇଗୁଆଜୁ ୱାଟର୍‌ଫଲ୍, ଆର୍ଜେଣ୍ଟିନା**

ବିଶ୍ୱର ସବୁଠୁ ଅଧିକ ଓସାରିଆ ୱାଟର୍‌ଫଲ ହେଉଛି ଇଗୁଆଜୁ ୱାଟର୍‌ଫଲ୍। ଏହା ବ୍ରାଜିଲ୍ ଏବଂ ଆର୍ଜେଣ୍ଟିନା ବର୍ଡ଼ରରେ ଅବସ୍ଥିତ। ଏହାର ସୁନ୍ଦର ପରିବେଶ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏହାକୁ ଦେଖିଲେ ଲାଗେ, ସତେ ଯେମିତି ଏହା ଆକାଶ ସହ ଲାଗି ରହିଛି କିମ୍ବା ଆକାଶରୁ ପାଣି ଝରୁଛି। ଏହି ଜଳପ୍ରପାତର ଚତୁଃପାର୍ଶ୍ୱରେ ପ୍ରାୟ ୨୦୦୦ ପ୍ରଜାତିର ବୃକ୍ଷ ଦେଖାଦେଉଥିବା ବେଳେ ଏଠାରେ ଅନେକ ବନ୍ୟଜନ୍ତୁ ମଧ୍ୟ ବାସ କରୁଛନ୍ତି। ବର୍ଷା ଦିନେ ଅର୍ଥାତ୍ ନଭେମ୍ବରରୁ ମାର୍ଚ୍ଚ ଯାଏଁ ଏଠାରେ ଖୁବ୍ ଜୋର୍‌ରେ ବର୍ଷା ହେବା ଯୋଗୁ ପାଣିର ଗତି ୧ ସେକେଣ୍ଡକୁ ୧୨ହଜାର ୭୫୦କ୍ୟୁବିକ୍ ମିଟର ହୋଇଥାଏ। ବେଳେବେଳେ ଏଠାରେ ଇନ୍ଦ୍ରଧନୁ ଦେଖାଯାଏ, ଯାହା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ।

## ଏ ସପ୍ତାହର ପ୍ରଶ୍ନ

୧- ଆମ ଦେଶରେ ପେନ୍‌ସନଧାରୀମାନଙ୍କ ପାଇଁ ..... ପକ୍ଷରୁ ପ୍ରଥମ ଥର ଲାଗି ଭିଡିଓ ଲାଇଫ୍ ସାର୍ଟିଫିକେଟ୍ ସର୍ଭିସ୍ ଆରମ୍ଭ କରାଯାଇଛି ?
୨- ଟିଆନ୍‌ୱେ-୨ ..... ଦେଶର ସ୍ପେଶ୍‌କ୍ରାଫ୍ଟ ?
୩- ଆମ ଦେଶର ..... ରାଜ୍ୟରେ ସର୍ବାଧିକ ମିଠା ଆଳୁ ଉତ୍ପାଦନ ହୋଇଥାଏ ?
୪- ଅଷ୍ଟ୍ରେଲିଆରେ ଦେଖାଯାଉଥିବା ପୃଥିବୀର ସବୁଠାରୁ ଭାରି କୀଟ ..... ?
୫- ..... ପୃଥିବୀର ସବୁଠୁ ଶକ୍ତିଶାଳୀ ପାଣିପାଗ ପରିବର୍ତ୍ତନ ଫୋର୍‌କାଷ୍ଟିଂ ସୁପର କମ୍ପ୍ୟୁଟର୍ ନିର୍ମାଣ କରୁଛି ?

## ଗତ ଥରର ଉତ୍ତର

୧ ରଜନୀକାନ୍ତ
୨ ଗୋ ଫାଷ୍ଟ
୩ ନାଗପୁର
୪ ସ୍ୱାମୀ ନାରାୟଣ
୫ ଗାନ୍ଧିନଗର

## ଉତ୍ତରଦାତା



ସଞ୍ଜୟ କୁମାର ପୋଥାଲ୍, ଯାଜପୁର



ସିଦ୍ଧିଶ୍ରୀ ସାହୁ, ବୁର୍ଲା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ ଆଲର୍ଟ

# ଅନ୍‌ଲାଇନ ଡେଟିଂ କରୁଥିଲେ

**ବର୍ତ୍ତମାନ ଅନେକ ଯୁବତୀଯୁବକଙ୍କ ମଧ୍ୟରେ ଅନ୍‌ଲାଇନ ଡେଟିଂ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳୁଛି। ବିଶେଷକରି କରୋନା ସମୟରେ ବାହାରକୁ ଯାଇ ନ ପାରୁଥିବାରୁ ଏହାର ବ୍ୟବହାର ବହୁମାତ୍ରାରେ ବଢ଼ିଯାଇଛି। ହେଲେ କେବେକେବେ ଏହାଦ୍ୱାରା ଅନେକ ଠକାମି, ପ୍ରତାରଣା ଏବଂ ଅନ୍ୟାନ୍ୟ ଅପରାଧର ଶିକାର ହେଉଥିବାର ବି ନଜିର ରହିଛି। ତେଣୁ ଇ-ଡେଟିଂ କରୁଥିଲେ କେତୋଟି ଦିଗ ପ୍ରତି ସଜାଗ ରହିବା ଗୁରୁତ୍ୱପୂର୍ଣ୍ଣ...**



- ବର୍ତ୍ତମାନ ଅନ୍‌ଲାଇନ୍‌ରେ ହଜାର ହଜାର ଡେଟିଂ ସାଇଟ୍ ଉପଲବ୍ଧ, ହେଲେ ସମସ୍ତ ସାଇଟ୍ ସୁରକ୍ଷିତ ବୋଲି କୁହାଯାଇ ନ ପାରେ। କାରଣ ଏଭଳି କେତେକ ସାଇଟ୍ ଯୋଗୁ ଅନେକେ ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଯଦି କୌଣସି ଇ-ଡେଟିଂ ସାଇଟ୍‌ରେ ନିଜ ପ୍ରୋଫାଇଲ୍ କ୍ରିଏଟ୍ କରୁଛନ୍ତି, ତେବେ ରେଜିଷ୍ଟର୍ଡ ସାଇଟ୍ କି ନୁହେଁ ଦେଖନ୍ତୁ।
- ଏଥିରେ ଆସୁଥିବା ଫ୍ରେଣ୍ଡ ରିକ୍ୱେଷ୍ଟ ଫେକ୍ ନା ବାସ୍ତବ ଜାଣିବା ପରେ ଗ୍ରହଣ କରନ୍ତୁ। କାରଣ ଅନ୍ୟର ଭାବନା ସହିତ ଖେଳିବାର ମଜା ନେବା ଲାଗି ହେଉ କିମ୍ବା ଅନ୍ୟକୁ ବିବାହ ପ୍ରଲୋଭନ ଦେଇ ଟଙ୍କା ହଡ଼ପ କରିବା ଆଳରେ ଅନେକେ ଫେକ୍ ପ୍ରୋଫାଇଲ୍ ପ୍ରସ୍ତୁତ କରୁଛନ୍ତି। କେବଳ ଏତିକି ନୁହେଁ, ଡେଟିଂ ବାହାନାରେ ଡାକି ବିଭିନ୍ନ ଅପରାଧ ଘଟାଉଥିବାର ନଜିର ରହିଛି।
- ପୂର୍ବରୁ ଦେଖି ନ ଥିବା କିମ୍ବା ଜାଣି ନ ଥିବା ବ୍ୟକ୍ତିଙ୍କ ସହ ଅନ୍‌ଲାଇନ୍ ବନ୍ଧୁତା କରିବାରେ ଅନେକଙ୍କୁ ଖୁବ୍ ମଜା ଆସିଥାଏ। ଆଉ ଖୁବ୍ କମ୍ ଦିନ ଭିତରେ କଥା ବାର୍ତ୍ତାରୁ ସେମାନେ ଦେଖା ହେବା ବା ଡେଟିଂରେ ଯିବାକୁ ବି ପଛାନ୍ତି ନାହିଁ। ହେଲେ ମନେରଖନ୍ତୁ, ନୂଆ ନୂଆ ବନ୍ଧୁ ହୋଇଥିବା କୌଣସି ଯୁବତୀ ଅବା ଯୁବକଙ୍କୁ ବିଶ୍ୱାସରେ ହଠାତ୍ ନିଜର ଠିକ ପରିଚୟ, ଠିକଣା, ଫଟୋ, ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଦେବା ଏବଂ ସର୍ବୋପରି ଡେଟିଂରେ ଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ପ୍ରଥମେ ଅପରପକ୍ଷକୁ ଭଲ ଭାବେ ଜାଣିବାକୁ ସମୟ ନିଅନ୍ତୁ।
- ଖୁବ୍ କମ୍ ଦିନ ମଧ୍ୟରେ ଯଦି ଜଣେ ଅଜଣା ମଣିଷ ଭାବନାତ୍ମକ ଭାବେ ଆପଣଙ୍କ ସହ ନିବିଡ଼ ହେବା, ଆବଶ୍ୟକତାଠାରୁ ଅଧିକ ପ୍ରଶଂସା କରିବା, ଆପଣଙ୍କ ବିଷୟରେ ସବୁକିଛି ଜାଣିବାକୁ ଚେଷ୍ଟା କରୁଛନ୍ତି ତେବେ ସତର୍କ ହୋଇଯାଆନ୍ତୁ। ମନେରଖନ୍ତୁ, ଏପରି ବନ୍ଧୁ ହଠାତ୍ ଡେଟିଂ ପାଇଁ ପ୍ରସ୍ତାବ ଦେଲେ ଭାବପ୍ରବଣତାବଶତଃ ତତ୍‌କ୍ଷଣାତ୍ ରାଜି ହୋଇଯିବା ବୁଦ୍ଧିମତ୍ତାର କାମ ନୁହେଁ। ତେଣୁ ମନରେ କୌଣସି ପ୍ରକାରର ସନ୍ଦେହ ଉପୁଜିବା ମାତ୍ରେ ଉକ୍ତ ପ୍ରୋଫାଇଲ୍‌କୁ ବ୍ଲକ୍ କରିଦିଅନ୍ତୁ।
- ଯଦି କେହି ନିଜର ସଠିକ୍ ପରିଚୟ ନ ଦିଅନ୍ତି ଅବା ଏଥିପାଇଁ କୁଣ୍ଠାବୋଧ କରନ୍ତି, ବାରମ୍ବାର ଅର୍ଥର ଲୋଭ ଦେଖାନ୍ତି, ବିବାହ ପ୍ରଲୋଭନ ଦେଖାଇ ଦାମୀ ଉପହାର ପଠାନ୍ତି, ତେବେ ଆପଣ ଭବିଷ୍ୟତରେ ଯେପରି ଠକାମିର ଶିକାର ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ।



- ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି କିଛିଦିନ କଥା ହେବା ପରେ ବନ୍ଧୁତା ଲାଗି ହେଉ ଅବା ଜୀବନସାଥୀ ବାଛିବା ପାଇଁ କାହା ସହ ଡେଟିଂରେ ଯିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସୁରକ୍ଷା ଦୃଷ୍ଟିରୁ ସାଙ୍ଗରେ କେହି ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କୁ ନେଇ ସାର୍ବଜନୀନ ସ୍ଥାନରେ ଦେଖା କରନ୍ତୁ।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଅର୍ଜୁନ ପୁରସ୍କାର ଗ୍ରହଣ କରୁଛନ୍ତି ଅମିତ୍ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରା।

# ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ଫାଇନାଲ୍ ଆଜି

**ଦୁବାଇ,୧୩।୧୧**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଦୁଇ ପଡୋଶୀ ଦେଶ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏହି ଫାଇନାଲ ମୁକାବିଲାରେ ପରସ୍ପରକୁ ଭେଟିବେ। ଏଥର ଟି୨୦ ବିଶ୍ୱକପ୍‌ରେ ଏକ ନୂଆ ଚାମ୍ପିୟନକୁ ଦେଖିବାକୁ ମିଳିବା ନିଶ୍ଚିତ ହୋଇଛି। ଦୁଇଟି ଯାକ ସେମିଫାଇନାଲରେ ଏହି ଦୁଇ ଦେଶ ନାଟକୀୟ ଢଙ୍ଗରେ ବିଜୟ ହାସଲ କରି ସେମିକୁ ଉଠିଛନ୍ତି। ଦିନିକିଆ ବିଶ୍ୱକପ୍‌ରେ ରେକର୍ଡ ୫ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବା ଅଷ୍ଟ୍ରେଲିଆ କିନ୍ତୁ ଟି୨୦ ବିଶ୍ୱକପ୍‌ରେ ଟାଇଟଲ ହାସଲ କରିବାରେ ବିଫଳ ହୋଇଛି। ପ୍ରଥମଥର ପାଇଁ ନ୍ୟୁଜିଲାଣ୍ଡ ଟି୨୦ ବିଶ୍ୱକପ୍‌ର ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ସଫଳ ହେଲେ ୫୦ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ନ୍ୟୁଜିଲାଣ୍ଡ ପାଇଁ ଏହା ଐତିହାସିକ ସାବ୍ୟସ୍ତ ହେବ। ଟି୨୦ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡଠାରୁ ଦୁଇପାଦ ଆଗରେ ଥିବା ପରି ମନେ ହେଉଛି।

**ଟି୨୦ ବିଶ୍ୱକପ୍**

ଗ୍ରୁପ୍ ପର୍ଯ୍ୟାୟରେ ବୋଲିଂରେ ଉତ୍କୃଷ୍ଟତା ଦେଖାଇଥିବା ନ୍ୟୁଜିଲାଣ୍ଡ ସେମିଫାଇନାଲରେ ବ୍ୟାଟିଂରେ ନିଜର ଦକ୍ଷତା ପ୍ରମାଣ କରିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ଟି୨୦ ଫର୍ମାଟରେ ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ଯୁବ ଓପନର ଡାରିଲ ମିଚେଲ ମଧ୍ୟ ତାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି। ମିଡିଲ



କେନ୍ ୱିଲିୟମ୍‌ସନ୍ ଓ ଅରୋନ୍ ଫିଞ୍ଚ୍।

ଅର୍ଡରରେ ଜେମ୍ସ ନିଶାମ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଡେଭନ କନ୍‌ୱେଙ୍କ ଭଳି ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡିଥିବାରୁ ନ୍ୟୁଜିଲାଣ୍ଡକୁ ଝଟକା ଲାଗିଛି। ତାଙ୍କ ସ୍ଥାନରେ ଟିମ୍ ସିଫର୍ଟ ଫାଇନାଲ ମ୍ୟାଚ୍ ଖେଳିବେ। ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ଅଷ୍ଟ୍ରେଲିଆ ଓପନର ଆରୋନ ଫିଞ୍ଚ୍ ଓ ଡେଭିଡ ୱାର୍ନରଙ୍କୁ ବାନ୍ଧି ରଖିବାରେ ସଫଳ ହେବେ ବୋଲି ଆଶା କରାଯାଉଛି। ତୃତୀୟ ଦ୍ରୁତ ବୋଲର ଭାବେ ଆଡମ ମିଲନେ ମଧ୍ୟ ସଫଳ ପ୍ରଦର୍ଶନ କରିଛନ୍ତି। ସେହିପରି ମିଡଲ ଓଭରରେ ଇଶ୍ ସୋଧି ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି।

କିଛି ଦିନଧରି ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ୱାର୍ନର ଗତ ଦୁଇଟି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ପୁଣି ଥରେ ସେ ଆଉ ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିବେ ବୋଲି ଆଶା କରାଯାଉଛି। ସେହିପରି ଗ୍ଲେନ ମ୍ୟାକ୍ସୱେଲ ଓ ଷ୍ଟିଭ ସ୍ମିଥ ଅଧିକ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ସେହିପରି ଲେଗ୍ ସ୍ପିନର ଆଡାମ ଜାମ୍ପା ଏ ପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ୧୦.୯୧ ହାରରେ ୧୨ଟି ଉଇକେଟ ହାସଲ କରିଛନ୍ତି। ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ ହାଜେଲଉଡଙ୍କୁ ନେଇ ଗଠିତ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବିଭାଗ ଅପ୍ରତିଦ୍ୱନ୍ଦ୍ୱୀ ମନେ ହେଉଛନ୍ତି। ଏହି ୩ ଖେଳାଳି ପ୍ରଥମଥର ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି୨୦ ମ୍ୟାଚ୍ ଖେଳିବେ। ସେମିରେ ଭଲ ପ୍ରଦର୍ଶନ କରିପାରି ନ ଥିବା ଜୋଶ ହାଜେଲଉଡ ଫାଇନାଲରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି।

# ୧୨ଙ୍କୁ ଖେଳରତ୍ନ, ୩୫ଙ୍କୁ ଅର୍ଜୁନ ପୁରସ୍କାର

**ନୂଆଦିଲ୍ଲୀ,୧୩।୧୧**

ଅଲିମ୍ପିକ୍ ଚାମ୍ପିୟନ ନୀରଜ ଚୋପ୍ରାଙ୍କ ସମେତ ୧୨ଜଣ କ୍ରୀଡ଼ାବିତ୍‌ଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ୩୫ଜଣ ଖେଳାଳିଙ୍କୁ ଅର୍ଜୁନ ଓ ୧୦ଜଣଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ।

ନୀରଜଙ୍କୁ ବାଦ୍ ଦେଲେ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଥିବା ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ, ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ, ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ରବି ଦହିୟା, ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ବକ୍ସର ଲଭଲିନା ବର୍ଗୋହେନ୍, ଦେଶର ପ୍ରଥମ ମହିଳା କ୍ରିକେଟର ଭାବେ ମିଥାଲି ରାଜ ଖେଳରତ୍ନ ପୁରସ୍କାର ହାସଲ କରିଛନ୍ତି। ସେହିପରି ଦେଶର ପ୍ରଥମ ଫୁଟବଲର ଭାବେ ସୁନୀଲ ଛେତ୍ରୀ, ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅବନୀ ଲେଖରା (ଶୁଟିଂ), ସୁମିତ ଆଣ୍ଟିଲ (ଆଥଲେଟିକ୍ସ), ପ୍ରମୋଦ ଭଗତ, କ୍ରିଷ୍ଣା ନାଗର (ବ୍ୟାଡ୍‌ମିଣ୍ଟନ), ମନୀଷ ନରୱାଲ (ଶୁଟିଂ)ଙ୍କୁ ମଧ୍ୟ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି।

ସେହିପରି ଓଡ଼ିଆ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ, କ୍ରିକେଟର ଶିଖର ଧାୱନ,

**ଜାତୀୟ କ୍ରୀଡ଼ା ପୁରସ୍କାର**

ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଓ ପାରାଲିମ୍ପିକ୍ସରେ ପଦକ ଜିତିଥିବା ଅନ୍ୟ ପଦକ ବିଜେତାଙ୍କ ସମେତ ୩୫ଜଣଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଜୁନ ପୁରସ୍କାର ବାବଦରେ ନଗଦ ୧୫ ଲକ୍ଷ ଟଙ୍କା ସମେତ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଓ ମାନପତ୍ର ପ୍ରଦାନ କରାଯାଇଥାଏ।

ଭାରତ ଟୋକିଓ ଅଲିମ୍ପିକ୍ସରେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ୭ ଓ ପାରାଲିମ୍ପିକ୍ସରେ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ୧୯ଟି ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ସାଧାରଣତଃ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥାଏ। ତେବେ ଅଲିମ୍ପିକ ଓ ପାରାଲିମ୍ପିକ୍‌ରେ ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତି କରି ପୁରସ୍କାର ଦେବାକୁ ନିଷ୍ପତ୍ତି ନିଆଯିବା ଫଳରେ ଏହି ପୁରସ୍କାର ପ୍ରଦାନ ଉତ୍ସବକୁ ବିଳମ୍ବରେ କରାଯାଇଛି।

ସେହିପରି ୧୦ ଜଣ କୋଚ୍‌ଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏଥର ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ କମିଟିର ମୁଖ୍ୟ ଥିଲେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ମୁକୁନ୍ଦାନନ୍ଦ ଶର୍ମା। ଏହି କମିଟିରେ ୩ଥର ପାରାଲିମ୍ପିକ ପଦକ ବିଜେତା ଦେବେନ୍ଦ୍ର ଝାଝରିଆ, ପୂର୍ବତନ କ୍ରିକେଟର ଭେଙ୍କଟେଶ ପ୍ରସାଦ ଓ ପୂର୍ବତନ ବିଶ୍ୱଚାମ୍ପିୟନ ତଥା ମହିଳା ବକ୍ସର ଏଲ୍. ସରିତା ଦେବୀ ସଦସ୍ୟ ଥିଲେ।

# ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଇଷ୍ଟକୋଷ୍ଟ ରେଲୱେ ଦଳ।

**ବୌଦ୍ଧ,୧୩।୧୧(ସ୍ୱପ୍ର):** ବୌଦ୍ଧ ଷ୍ଟାଡିୟମଠାରେ ଗତ ଗୁରୁବାରଠାରୁ ଚାଲିଥିବା ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସର ଖେଳ ଲଘୁଚାପ ବର୍ଷା ଯୋଗୁ ଅଧାରୁ ବନ୍ଦ ହୋଇଯାଇଥିଲା। କିନ୍ତୁ କୋହଲା ପାଗ ସତ୍ତ୍ୱେ ଫାଇନାଲ ଖେଳ ଇଷ୍ଟକୋଷ୍ଟ ରେଲୱେ ଓ କିଟ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ୨୫-୧୬, ୨୫-୧୮ ପଏଣ୍ଟରେ କିଟ୍ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ସେହିପରି ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚରେ ପାରାଦୀପ ପୋର୍ଟକୁ ୨୫-୨୨, ୧୮-୨୫, ୧୫-୬ରେ କଟକ ଦଳ ହରାଇ ଦେଇଥିଲା। ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୮,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୨,୦୦୦ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ

**ରାଜ୍ୟସ୍ତରୀୟ ମହିଳା ଭଲିବଲ**

ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ମୁଖ୍ୟ ରେଫରି ଭାବରେ ସୁବୋଧ କୁମାର ଜେନା ପରିଚାଳନା କରୁଥିବାବେଳେ ଜାତୀୟ ରେଫରି ବିଭୁଦେନ୍ଦ୍ର ମାନସିଂହ,ମାନସ କୁମାର ମିଶ୍ର,ବୀରବର ଭଞ୍ଜ,ରୋସନ କୁମାର ସାହୁ, ସଞ୍ଜୀବ କୁମାର ପଣ୍ଡା,ଦୀପକ କୁମାର ଭୋଇ,ରୋଜି ପ୍ରଧାନ,ଡି.ଶାନ୍ତିଲତା ରେଡ୍ଡୀ, ହେମନ୍ତ ବିଲୁଙ୍ଗ,ବିଷ୍ଣୁ ଶର୍ମା ସାହୁ ଓ ସ୍ଥାନୀୟ କ୍ରୀଡ଼ା ଶିକ୍ଷକ ଅମ୍ବରିଶ ପ୍ରଧାନ,ଅରୁଣ କୁମାର ପୁଟ୍ଟା,ସୁରେନ୍ଦ୍ର ନାଥ ସାହୁ,ଦଶରଥ ଭୋଇ,ମନୋଜ କୁମାର ଗାଇଗୌରିଆ, ମମତା ଦାଶ,ଗାୟତ୍ରୀ ବେହେରା ଓ ବନ୍ଦିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଭର୍ଷ୍ଟାପେନ୍‌ଙ୍କୁ ସମନ

**ସାଓପାଉଲୋ, ୧୩।୧୧ (ଏପି)**

ବ୍ରାଜିଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ରେଡ୍‌ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ଖେଳର ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ସତ୍ୟାସତ୍ୟ ଜାଣିବା ପାଇଁ ଷ୍ଟିୱାର୍ଡମାନଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ଇଣ୍ଟରଲାଗୋସ ଷ୍ଟାଣ୍ଡରେ ଜଣେ ଖେଳପ୍ରେମୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ଭିଡିଓ ରେକର୍ଡିଂ ଏବେ ଭାଇରାଲ ହେବାରେ ଲାଗିଛି। ଏଥିରେ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଲିଡର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମର୍ସିଡିଜର ଲୁଇସ୍ ହାମିଲଟନଙ୍କ କାର୍‌ର ରିଅର ୱିଙ୍ଗ୍‌କୁ ସ୍ପର୍ଶ କରୁଥିବା ଦୃଶ୍ୟ ରହିଥିଲା। ଟ୍ରାକ୍‌ରେ ପାର୍କ ଫର୍ମି ସ୍ଥାନରେ ପ୍ରତିଯୋଗୀମାନଙ୍କ କାର ସୁରକ୍ଷିତ ଭାବେ ରଖାଯାଇଥାଏ। ସେହିଠାରେ ଏହି ଘଟଣା ଘଟିଛି। ସ୍ପୋର୍ଟିଂ କୋଡ୍‌ର ଧାରା ୨.୫.୧ ଅନୁସାରେ କ୍ୱାଲିଫାଇଂ ପରେ ସୁରକ୍ଷିତ ଅଞ୍ଚଳରେ ରଖାଯାଇଥିବା କାର୍‌ଗୁଡ଼ିକରେ ଭାରପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ କାର୍‌ଗୁଡ଼ିକରେ କୌଣସି ମରାମତି, ଯାଞ୍ଚ କାର୍ଯ୍ୟ କିମ୍ବା ଟ୍ୟୁନିଂ କରାଯାଇପାରିବ ନାହିଁ। ଭର୍ଷ୍ଟାପେନ୍ ଖୁବ୍ ଶୀଘ୍ର ଷ୍ଟିଓାର୍ଡମାନଙ୍କ ସହ କଥା ହେବେ। ସିଜନର ଆଉ ୪ଟି ରେସ୍ ବାକି ରହିଥିବା ବେଳେ ନେଦରଲାଣ୍ଡର ଏହି ଡ୍ରାଇଭର ଷ୍ଟାଣ୍ଡିଂରେ ହାମିଲଟନଙ୍କଠାରୁ ୧୯ ପଏଣ୍ଟ ଆଗରେ ରହିଛନ୍ତି। ଅନ୍ୟପକ୍ଷରେ କ୍ୱାଲିଫାଇଂରେ ହାମିଲଟନ ନିୟମ ଉଲ୍ଲଂଘନ କରିଛନ୍ତି କି ନା ଆୟୋଜକଗଣ ତାହା ଡିଆରଏସ୍ ସିଷ୍ଟମ ଦ୍ୱାରା ଯାଞ୍ଚ କରି ଦେଖୁଛନ୍ତି। ଦ୍ୱିତୀୟ ପ୍ରାକ୍ଟିସ ସେସନ ପୂର୍ବରୁ ନିଷ୍ପତ୍ତି ଘୋଷଣା କରାଯିବ।

## ପଡ଼ୋଶୀ ପ୍ରତିଦ୍ୱନ୍ଦ୍ୱିତା

**ଗୌତମ ଗମ୍ଭୀର**

ଖେଳରେ ଭାରତ ଓ ପାକିସ୍ତାନ ଭଳି ଦୁଇ ପଡ଼ୋଶୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରସ୍ପର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଟନ୍ତି। ହେଲେ ବାହାରକୁ ଏତେଟା ଜଣାପଡ଼େନି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରିକେଟ ବ୍ୟତୀତ ରଗ୍‌ବୀ ୟୁନିୟନ, ରଗ୍‌ବୀ ଲିଗ୍ ଓ ନେଟ୍‌ବଲ୍ ପ୍ରତିଯୋଗିତାରେ ମଧ୍ୟ ଜବରଦସ୍ତ ମୁକାବିଲା ଦେଖିବାକୁ ମିଳିଥାଏ। ୧୯୪୭ ପରଠାରୁ ଭାରତ ଓ ପାକିସ୍ତାନ ସୀମାରେ ୪ଥର ଲଢେଇ ଓ ଅନେକଥର ଉତ୍ତେଜନା ଦେଖାଦେଇଛି। ଏହାର ପ୍ରଭାବ ଖେଳରେ ମଧ୍ୟ ଦେଖିବାକୁ ମିଳୁଛି। ଏବେ ସୋସିଆଲ ମିଡିଆରେ ପ୍ରଚାର ଓ ଅପପ୍ରଚାର ଯୋଗୁ ଏବେ ଯଦି ଦୁଇ ଦେଶ ମଧ୍ୟରେ ଲୁଡୋ ଖେଳ ହୁଏ ତାହାକୁ ମଧ୍ୟ ଦର୍ଶକମାନେ ଆଗ୍ରହର ସହ ଦେଖିବେ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କିନ୍ତୁ ଅର୍ଥନୈତିକ ଓ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ବହୁ ପୁରଣା। ଦୁଇ ଦେଶର ମିଳିତ ଜନସଂଖ୍ୟା ପ୍ରାୟ ୩ କୋଟି। ଅନ୍ୟପକ୍ଷରେ ପାକିସ୍ତାନର ଜନସଂଖ୍ୟା ୨୨ କୋଟି ରହିଥିବା ବେଳେ ଭାରତର ହାରାହାରି ୧୪୦ କୋଟି। ଯଦି ଏହି ଦୁଇ ଦେଶର ୧୦ପ୍ରତିଶତ ଲୋକ ଖେଳ ଉପରେ ନଜର ରଖନ୍ତି ତେବେ କହିବାକୁ ଗଲେ ଏହା ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ସଂଖ୍ୟାଠାରୁ ପ୍ରାୟ ୫ଗୁଣା ହେବ। ଭାରତ-ପାକିସ୍ତାନ ମ୍ୟାଚ ବେଳେ ଦୁଇ ଦେଶର ଖେଳପ୍ରେମୀଙ୍କ ଭାବାବେଗ ଜଡ଼ିତ ରହିଥାଏ। ଅଷ୍ଟ୍ରେଲିଆରେ ବାସ କରୁଥିବା ମୋର ଜଣେ ବନ୍ଧୁ କହିଛନ୍ତି ତାଙ୍କ ଦେଶରେ ଏବେ ଜୀବନଯାତ୍ରା ସ୍ୱାଭାବିକ ହେଲାଣି। ହେଲେ ଫାଇନାଲ ମ୍ୟାଚ ସେଠିକା ସ୍ଥାନୀୟ ସମୟ ଅନୁସାରେ ମଧ୍ୟ ରାତିରେ ଖେଳାଯାଉଥିବାରୁ ମ୍ୟାଚ ପାଇଁ ସେମାନଙ୍କୁ ଉଜାଗର ରହିବାକୁ ପଡ଼ିବ। ନ୍ୟୁଜିଲାଣ୍ଡର ଖେଳ ଷ୍ଟାଇଲ ମୋର ପସନ୍ଦ। ଏହି ଦଳ ଫାଇନାଲ ଜିତୁ ବୋଲି ମୁଁ ଚାହେଁ।

**(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)।**

OFFICIAL SPONSOR
ICC MEN'S T20 WORLD CUP 2021
SEAGRAM'S ROYAL STAG
PACKAGED DRINKING WATER
#InItToWinIt







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ